## ଲକ୍ଷାଧିକ ଟଙ୍କାର ଶାଗୁଆନ କାଠ ଜବତ

ଜଳେଶ୍ୱର,(ଡି.ଏନ୍.ଏ): ୬୦ନଂ. ଜାତୀୟ ରାଜପଥର ଜଳେଶ୍ୱର ନିକଟ ନୂଆବଜାରଠାରୁ ବନ ବିଭାଗ ଲକ୍ଷାଧିକ ଟଙ୍କାର ଚୋରା ଶାଗୁଆନ ଲଗ୍ ଜବତ କରିଛି। ରେଞ୍ଜର ଜୟଶ୍ରୀ ମୁର୍ମୁ, ଫରେଷ୍ଟର ଭକ୍ତିଲତା ଦାସ, ଫରେଷ୍ଟଗାର୍ଡ ରଞ୍ଜିତା ବିଶ୍ୱାଳ ଓ ସବୁଜବାହିନୀର ସଞ୍ଜୀବ ସେନାପତି ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ। ୧୪ ଖଣ୍ଡ ସାଗୁଆନ୍ ଲଗ୍, ୧୨ଖଣ୍ଡ ଆକାଶିଆ ଲଗ ଚାଲାଣ ବେଳେ ସାଇହୋଟେଲ ନିକଟରେ ଜବତ କରାଯାଇଥିଲା। ପଶ୍ଚିମ ମେଦିନୀପୁର ଜିଲା ଦାନ୍ତୁନ ଥାନା ଅଧୀନ ସୋଲପଟା ଗାଁର ରଞ୍ଜନ ଦେଙ୍କୁ ପୋଲିସ ଅଟକ ରଖିଛି।

## ସଂକ୍ଷେପରେ

### ମାନସିକ ବିକୃତ ବ୍ୟକ୍ତିଙ୍କ ମୃତଦେହ ଜବତ

ପାଟଣା,୨୨।୯(ସ୍ୱ.ପ୍ର.)-କେନ୍ଦୁଝର ଜିଲା ପାଟଣା ଥାନା ମୁଖ୍ୟାଳୟ ସାଧୁପଡ଼ା ରାସ୍ତା କଡ଼ରେ ଥିବା ଏକ ନବନିର୍ମିତ ଗୃହ ସମ୍ମୁଖରୁ ଗୁରୁବାର ଜଣେ ମାନସିକ ବିକୃତ ବ୍ୟକ୍ତିଙ୍କ ମୃତଦେହକୁ ପାଟଣା ପୋଲିସ ଜବତ କରିଛି। ବ୍ୟକ୍ତି ଜଣକ ଦୀର୍ଘ ୧ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ପାଟଣା ଅଞ୍ଚଳରେ ଘୂରି ବୁଲୁଥିଲେ। ଗୁରୁବାର ମୃତ୍ୟୁ ଖବର ପାଇ ପାଟଣା ପୋଲିସ ପକ୍ଷରୁ ଏସ୍ଆଇ ମନରୋମା ସ୍ୱାଇଁ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ କରିଥିଲେ। ମୃତକଙ୍କ ପରିଚୟ ମିଳି ନଥିବା ବେଳେ ସେ ରାଞ୍ଚିରୁ ବସ୍ ଯୋଗେ ଚାଲି ଆସିଥିବା କୁହାଯାଉଛି।

### ଚୋରା କୋଇଲା ବୋଝେଇ ପିକ୍ଅପ୍ ଜବତ

ପଦ୍ମପୁର, ୨୨।୯(ଡି.ଏନ.ଏ.)-ଭଦ୍ରକ ଜିଲା ସଦର ବ୍ଲକ ସାବରଙ୍ଗ ପୋଲିସ ଗୁରୁବାର ଭୋର ସମୟରେ ସେରପୁରଠାରୁ ଏକ ଚୋରା କୋଇଲା ବୋଝେଇ ପିକ୍ଅପ୍ ଭ୍ୟାନ୍ ଜବତ କରିଛି। ଗାଡ଼ିରେ ୧୨ କୁଇଣ୍ଟାଲ କୋଇଲା ଥିଲା। ସୂଚନା ଅନୁଯାୟୀ, ପିକ୍ଅପ୍ ଭ୍ୟାନ୍ (ନଂ. ଓଡି ୨୨ ଭି ୦୨୬୧)ରେ ତିହିଡ଼ି ଥାନା ଅଞ୍ଚଳରୁ ଚୋରାରେ କୋଇଲା ଆସୁଥିବା ପୋଲିସକୁ ଖବର ମିଳିଥିଲା। ସାବରଙ୍ଗ ଥାନା ଏଏସ୍ଆଇ ଯତୀନ୍ଦ୍ର ନାଥ ସିଙ୍କୁ, କନଷ୍ଟେବଳ ରାଜେନ୍ଦ୍ର ସାହୁ ଓ ହାବିଲଦାର ଭରତ କୁମାର ମାଝି ଗାଡ଼ିକୁ ପିଛା କରିଥିଲେ। ସେରପୁରଠାରେ ଚାଳକ ଗାଡ଼ି ଛାଡ଼ି ଫେରାର ହୋଇଯାଇଛନ୍ତି। ଏନେଇ ଥାନାରେ ମାମଲା(ନଂ. ୧୫୫/୨୨) ରୁଜୁ କରାଯାଇଛି।

### ଦିବଂଗତ ବିଧାୟକ ବିଷ୍ଣୁଙ୍କୁ ଶ୍ରଦ୍ଧାଞ୍ଜଳି

ଧାମନଗର, ୨୨।୯ (ଡି.ଏନ୍.ଏ.)-ଭଦ୍ରକ ଜିଲା ଧାମନଗର ବ୍ଲକ ଯାଦବ ମହାସଭା ପକ୍ଷରୁ ଏପିଜେ ଅବଦୁଲ କଲାମ ସଭାଗୃହରେ ଦିବଂଗତ ବିଧାୟକ ବିଷ୍ଣୁ ଚରଣ ସେଠୀଙ୍କ ସ୍ମୃତିରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବ୍ଲକ କାର୍ଯ୍ୟକାରୀ ସଭାପତି ଅନିଲ କୁମାର ବାରିକଙ୍କ ସଞ୍ଚାଳନାରେ ସମ୍ପାଦକ ମାଧବ ଚନ୍ଦ୍ର ଖଟୁଆ, ଅସୁରାଳି ଜୋନ୍ ସଭାପତି ରବୀନ୍ଦ୍ର ନାଥ ଦାସ, ଆନନ୍ଦପୁର ସଭାପତି ଖଗେଶ୍ୱର ମହାକୁଡ, ମାନଗୋବିନ୍ଦ ଦାସ, ନାରାୟଣ ସାହାଣୀ, କାହ୍ନୁ ଚରଣ ଖିଲାର, ରାଜେନ୍ଦ୍ର ବେହେରା, ଆନନ୍ଦ ଚନ୍ଦ୍ର ଦାସ, ହେମନ୍ତ ଖିଲାର, ଦୀନବନ୍ଧୁ କବି, ପଙ୍କଜ ଦାସ, ଉପସଭାପତି କ୍ଷେତ୍ରବାସୀ ବାରିକ, ସାଧାରଣ ସମ୍ପାଦକ କୁଳମଣି ବେହେରା, ସରପଞ୍ଚ ପ୍ରୀତମ ଦାସ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତିସଭ୍ୟ ଜ୍ଞାନ ରଞ୍ଜନ ମହାକୁଡ, ପ୍ରଦୀପ ବାରିକ, ଅଧର ପରିଡା, ଅଭିଜିତ ପୁଣ୍ଟିଆ, ରାଜୀବ ଲୋଚନ ଦାସ, ରଞ୍ଜନ ବେହେରା ପ୍ରମୁଖ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଶେଷରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

### ନିଶା ନିବାରଣ ସଚେତନତା

ଧୂଷୁରୀ, ୨୨।୯-ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଗୋବିନ୍ଦପୁର ପଞ୍ଚାୟତ କୋରୁଆ ତନ୍ମୟ ତୀର୍ଥଠାରେ ରାଜ୍ୟସ୍ତରୀୟ ନିଶା ନିବାରଣ ସଚେତନତା ଓ କାର୍ଯ୍ୟକର୍ତ୍ତା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ନିଶା ନିବାରଣ ସଙ୍ଗଠନର ଜିଲା ସଭାପତି କବି ବ୍ରଜ କିଶୋର ଦାସଙ୍କ ସଭାପତିତ୍ୱରେ ସଚେତନତା ସଭା ହୋଇଥିଲା। ମୁଖ୍ୟଅତିଥି ଭାବେ ନାଟ୍ୟସାଥୀ କାବ୍ୟଚନ୍ଦ୍ର ସାରଥୀ ପଣ୍ଡା, ମୁଖ୍ୟବକ୍ତା ସାହିତ୍ୟିକ ମନୋଜ ପଣ୍ଡା ଏବଂ ଅନ୍ୟତମ ଅତିଥି ଭାବେ ସଂଯୋଜକ ସାମାଜିକ କର୍ମୀ ସହଦେବ ସାହୁ ଯୋଗଦେଇ ନିଶା ନିବାରଣ ସମ୍ପର୍କରେ ସଚେତନତାମୂଳକ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବର୍ଷୀୟାନ ଯାତ୍ରା କଳାକାର ଯୋଗେନ୍ଦ୍ର ପରିଡ଼ା, ରମେଶ ବେହେରା, ଶିକ୍ଷାବିତ୍ ବସନ୍ତ ପଣ୍ଡା, ଖବରଦାତା ସୁଧାକର ଦାସ, ଗୌରାଙ୍ଗ ଦାସ, ତୁଷାର ସାହୁ, ସାମାଜିକ କର୍ମୀ ମନୋରଞ୍ଜନ ଦାସ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଅମରେନ୍ଦ୍ର ନାୟକ, ଲକ୍ଷ୍ମଣ ବେହେରା, ଶିକ୍ଷାବିତ୍ ରତ୍ନାକର ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ଜିଲା ସଭାପତି ଭାବେ ସାମାଜିକ କର୍ମୀ ବ୍ରଜ କିଶୋର ଦାସଙ୍କୁ ମନୋନୀତ କରାଯାଇଥିଲା। ସେହିପରି ଖବରଦାତା ସନ୍ତୋଷ ଦାସ ରାଜ୍ୟ ସମ୍ପାଦକ ଓ ସହଦେବ ସାହୁ ସଂଯୋଜକ ଭାବେ ମନୋନୀତ ହୋଇଛନ୍ତି। ସାମାଜିକ କର୍ମୀ ଅଭୟ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ପୂଜାରେ ନିଶା, ଆଧୁନିକ ସଙ୍ଗୀତ ମନା

**ବାରିପଦା ଅଫିସ,୨୨।୯**



ବୈଠକରେ ପୂଜା କମିଟିର ସଦସ୍ୟମାନେ।

ଦୁର୍ଗତୀ ନାଶିନୀ ମା’ ଦୁର୍ଗାଙ୍କର ଶାରଦୀୟ ପୂଜା ପାଇଁ ମୟୂରଭଞ୍ଜ ଜିଲା ବାରିପଦା ସହରଠାରୁ ପୁରପଲ୍ଲୀ ଚଳଚଞ୍ଚଳ ହୋଇଉଠିଛି। ମୂର୍ତ୍ତି ତିଆରି ସାଙ୍ଗକୁ ତୋରଣ ସାଜସଜ୍ଜା କାର୍ଯ୍ୟ ଜୋରଦାର ଆଗେଇ ଚାଲିଛି। ପୂଜା ମଣ୍ଡପକୁ ଅଧିକ ଆକର୍ଷଣୀୟ କରିବା ପାଇଁ ପଡ଼ୋଶୀ ରାଜ୍ୟର କାରିଗରମାନଙ୍କୁ ନିୟୋଜିତ କରାଯାଇଛି। ସହରର ୨୬ଟି ମଣ୍ଡପରେ ଚଳିତ ବର୍ଷ ପୂଜା ହେବାକୁ ଯାଉଛି। ତେବେ ୧୩ ବର୍ଷରେ ପଦାର୍ପଣ କରିଥିବା ବାରିପଦା ମଧୁବନ ଅଞ୍ଚଳର ବାରୁଣେଶ୍ୱର ଦୁର୍ଗାପୂଜା କମିଟି ସହରର ଶୃଙ୍ଖଳିତ ପୂଜା କମିଟି ଭାବରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ପୂଜା ସମୟରେ ଏଠାରେ ପକ୍ଷରୁ ନିଶା ସେବନ ଓ ଆଧୁନିକ ସଙ୍ଗୀତ ପରିବେଷଣକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ମଣ୍ଡପରେ ଭଜନ, କୀର୍ତ୍ତନ ଓ ପ୍ରବଚନ ଭଳି ଶୃଙ୍ଖଳିତ ଭାବଧାରା ଏକତା ସୂତ୍ରରେ ସମସ୍ତଙ୍କୁ ବାନ୍ଧି ରଖିଛି।

ପ୍ରସ୍ତୁତି ବୈଠକଠାରୁ ଆରମ୍ଭ କରି ମୂର୍ତ୍ତି ଓ ମେଢ଼ ନିର୍ମାଣ, ଘଟ ଉତ୍ତୋଳନ, ପୂଜା, ଭୋଗବଣ୍ଟନ ଓ ବିସର୍ଜନ ସବୁଥିରେ ବରୁଣେଶ୍ୱର ପୂଜା କମିଟିର ୩୫୦ସଦସ୍ୟ ଶୃଙ୍ଖଳାକୁ ବଜାୟ ରଖିଥାନ୍ତି। ବିସର୍ଜନ ସମୟରେ ଧାର୍ମିକ ପରିବେଶରେ କେବଳ ଭଜନକୀର୍ତ୍ତନ ମାଧମରେ ମା’ଙ୍କୁ ମେଲାଣି ଦେଇଥାନ୍ତି। ନବମୀ ଦିନ ଏକ ହଜାରୁ ଉର୍ଦ୍ଧ୍ୱ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ଅନ୍ନଭୋଗ ବଣ୍ଟନ କରାଯିବାର ସ୍ୱତନ୍ତ୍ରତା ରହିଛି।

ପୂଜା କାର୍ଯ୍ୟ ପରିଚାଳନା ପାଇଁ ନୂତନ କମିଟି ଗଠନ ହୋଇଛି। ବରିଷ୍ଠ ନାଗରିକ ସଂଘ ଓ ମଧୁବନ ଉନ୍ନୟନ ପରିଷଦର କର୍ମକର୍ତ୍ତାମାନେ ମଧ ଏହି ପୂଜା କମିଟି ସହିତ ଯୋଡ଼ି ହୋଇଛନ୍ତି। କମିଟି ପକ୍ଷରୁ ମଣ୍ଡପ ନିକଟରେ ଏକ ୨୪ଘଣ୍ଟିଆ ଏକ କାର୍ଯ୍ୟାଳୟ ଖୋଲାଯାଇଛି। ୨୦୧୦ରେ ତତ୍କାଳୀନ ସଭାପତି ଉଦୟନାଥ ଜେନାଙ୍କ ନେତୃତ୍ୱରେ ପୂଜା ଆରମ୍ଭ ହୋଇଥିଲା। ୩ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପୂଜା ଆରମ୍ଭ ହୋଇଥିବା ବେଳେ ଚଳିତ ବର୍ଷ ୬ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯିବା ବୋଲି ଆକଳନ କରାଯାଇଛି। କମିଟିର ସଭାପତି କୁଞ୍ଜବନ ପୃଷ୍ଟି କୁହନ୍ତି, ଅଞ୍ଚଳବାସୀଙ୍କ ଆଗ୍ରହ ଓ ଭକ୍ତିକୁ ନେଇ ମା’ଦୁର୍ଗାଙ୍କ ପୂଜାକାର୍ଯ୍ୟ ହୋଇଆସୁଛି। ଏକ ଶୃଙ୍ଖଳିତ କମିଟିର ପ୍ରତିଛବିକୁ ଅକ୍ଷୁର୍ଣ୍ଣ ରଖିବାକୁ ଆମେ ଅଙ୍ଗିକାରବଦ୍ଧ ଭାବେ କାର୍ଯ୍ୟ କରୁଛୁ। ସେହିପରି ସାଧାରଣ ସମ୍ପାଦକ ବିକ୍ରମ କେଶରୀ ଜେନା କୁହନ୍ତି, କରୋନା କଟକଣା ହଟିଥିବାରୁ ଲୋକଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି । ସଦସ୍ୟ ଓ ଶୁଭେଚ୍ଛୁଙ୍କ ସହଯୋଗରେ ପୂଜା କାର୍ଯ୍ୟପାଇଁ ଚଳିତ ବର୍ଷ ଅଧିକ ବ୍ୟୟବରାଦ ରହିଛି ।

**ଏକତା ସୂତ୍ରରେ ବାନ୍ଧି ରଖିଛି ବାରୁଣେଶ୍ୱର ଦୁର୍ଗାପୂଜା**

# ଲୁଣିଆ ଗୁଳିକାଣ୍ଡ ସ୍ମୃତିରେ ଶହୀଦ ଦିବସ

## ବିଧାୟକଙ୍କ ବିୟୋଗ ଯୋଗୁ ନିରାଡ଼ମ୍ବରରେ ପାଳନ

**ଭଦ୍ରକ ଅଫିସ, ୨୨।୯**

ଭାରତଛାଡ଼ ଆନ୍ଦୋଳନ ଡାକରାରେ ଭଦ୍ରକ ଜିଲା ଧାମନଗର ବ୍ଲକ ଅଞ୍ଚଳରେ ତତ୍କାଳୀନ ଲୁଣିଆ ସର୍ଦ୍ଦାର ମୁରଲୀଧର ପଣ୍ଡାଙ୍କ ନେତୃତ୍ୱରେ ପ୍ରଜାମେଳିରେ ଯାଇ ଲୁଣିଆ ଗୁଳିକାଣ୍ଡରେ ଜୀବନ ଦେଇଥିବା ୯ଜଣ ଶହୀଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗୁରୁବାର ଶହୀଦ ଦିବସ ପାଳନ କରାଯାଇଛି। ୧୯୪୨ ସେପ୍ଟେମ୍ବର ୨୨ରେ ଏହି ଗୁଳିକାଣ୍ଡ ହୋଇଥିଲା। ପ୍ରତିବର୍ଷ ଏହି ଦିନକୁ ଶହୀଦ ଦିବସ ଭାବେ ପାଳନ କରାଯାଇ ଆସୁଛି। ଗତ ୧୯ ତାରିଖରେ ଧାମନଗର ବିଧାୟକ ବିଷ୍ଣୁ ସେଠୀଙ୍କ ବିୟୋଗ ଯୋଗୁ ଏହି ଦିବସକୁ ନିରାଡ଼ମ୍ବରରେ ପାଳନ କରାଯାଇଛି। ପୋଲିସ ବିଭାଗ ପକ୍ଷରୁ ତୋପ ସଲାମି ଅର୍ପଣ କରାଯାଇଥିଲା। ଏସ୍‌ପି ଚରଣ ସିଂ ମୀନା ଉପସ୍ଥିତ ରହି ସ୍ମୃତିସ୍ତମ୍ଭ ଓ ମୁରଲୀଧର ପଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଧାମନଗର ଏନ୍ଏସି ଅଧକ୍ଷା ନିବେଦିତା ଜେନା, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ରାଜେନ୍ଦ୍ର ଦାସ, ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ପୂର୍ବତନ ବ୍ଲକ ଅଧକ୍ଷ ଅଶୋକ କୁମାର ନାୟକ, ବୟୋଜ୍ୟେଷ୍ଠ ସ୍ୱାଧୀନତା ସଂଗ୍ରାମୀ ବ୍ରଜ କିଶୋର ରାଉତ, ପୂର୍ବତନ ସରପଞ୍ଚ ରଘୁନାଥ ଲେଙ୍କା, ଗ୍ରାମବାସୀ, ଶହୀଦ ପରିବାରଙ୍କ ଦ୍ୱାରା ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ରାମଦାସ ଟୁଡୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା ପ୍ରମୁଖ ଯୋଗ ଦେଇଥିଲେ।



ଶହୀଦ ସ୍ମୃତି ସ୍ତମ୍ଭ ନିକଟରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଅଧିକାରୀ ଓ ଅନ୍ୟମାନେ।

# କମ୍ପାନୀ ଗାଡ଼ିକୁ ଅଟକ ରଖିଲେ କୁକୁଡ଼ା ଚାଷୀ



ଥାନା ଆଗରେ ଏକଜୁଟ୍ ହୋଇଥିବା କୁକୁଡ଼ା ଚାଷୀ।

**ବାହାନଗା,୨୨।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖନ୍ତାପଡ଼ା ଥାନା ଆଗରେ ଜିଲାର କୁକୁଡ଼ା ଚାଷୀମାନେ କୁକୁଡ଼ା ଚିଆଁ ଦେଉଥିବା ଏକ କମ୍ପାନୀ ଗାଡ଼ିକୁ ଅଟକ ରଖି ଧାରଣା ଦେବା ଚର୍ଚ୍ଚାର ବିଷୟ ହୋଇଛି। କମ୍ପାନୀ କର୍ତ୍ତୃପକ୍ଷ ପରିଶ୍ରମର ଉଚିତ ପାଉଣା ଦେଉ ନ ଥିବାରୁ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇଥିବା କହିଛନ୍ତି। ଏ ସଂକ୍ରାନ୍ତରେ କୁକୁଡ଼ା ଚାଷୀ ସଂଘ ପକ୍ଷରୁ ବାଲେଶ୍ୱର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କମ୍ପାନୀ ଲୁଚାଛପାରେ ବେପାର କରୁଥିବାରୁ ଜିଲାର ୧୨ ଶହରୁ ଉର୍ଦ୍ଧ୍ୱ କୁକୁଡ଼ା ଚାଷୀ ଏକଜୁଟ୍ ହୋଇ କମ୍ପାନୀ ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି। ବୁଧବାର ରାତିରେ ସଂପୃକ୍ତ କମ୍ପାନୀର ଏକ କୁକୁଡ଼ା ଚିଆଁ ବୋଝେଇ ଗାଡ଼ି ଖନ୍ତାପଡ଼ା ଥାନା ଅଧୀନ ଗୋପାଳପୁର ଦେଇ ତାଳପଦା ଅଞ୍ଚଳକୁ ଯାଉଥିବା ଥିବା ବେଳେ ଅରଳା ରାସ୍ତାରେ ଚାଷୀମାନେ ଉକ୍ତ ଗାଡ଼ିକୁ ଅଟକ ରଖି ଥାନାକୁ ନେଇଥିଲେ। କମ୍ପାନୀ କର୍ତ୍ତୃପକ୍ଷ ଏ ନେଇ ସୋର ଥାନାରେ ଅଭିଯୋଗ କରିବାରୁ ଶତାଧିକ କୁକୁଡା ଚାଷୀ ଏକଜୁଟ୍ ହୋଇ ଥାନାରେ ପହଞ୍ଚିଥିଲେ। କୁକୁଡ଼ା ଚାଷୀ ସଂଘର ସଭାପତି ବରଦା ପ୍ରସନ୍ନ ଦାସ ଓ ସମ୍ପାଦକ ପ୍ରଶାନ୍ତ କୁମାର ଯେନାଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଥାନା ଘେରାଉ କରିବା ସହ ଧାରଣାରେ ବସିଥିଲେ। ପରେ ସଂଘର କର୍ମକର୍ତ୍ତା କମ୍ପନୀ ବିରୋଧରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ୍ ଅଭିଯୋଗ ଗ୍ରହଣ କରିବା ସହିତ ୩ ଦିନ ମଧ୍ୟରେ ଚାଷୀଙ୍କ ସମସ୍ୟାର ସମାଧାନ କରିବାର ପ୍ରତିଶ୍ରୁତି ଦେବା ପରେ ଧାରଣା ଓ ବିକ୍ଷୋଭ ହଟିଥିଲା ।

# ଟାଙ୍ଗରପଡ଼ା ବଜାରରୁ ଜବରଦଖଲ ଉଚ୍ଛେଦ

## ସମ୍ପ୍ରସାରଣ ହେବ ପାଟଣା-କେନ୍ଦେଇପଶି ରାଜପଥ

**ପାଟଣା,୨୨।୯(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ତହସିଲ ଅନ୍ତର୍ଗତ ପାଟଣା ମୁଖ୍ୟାଳୟରୁ କେନ୍ଦେଇପଶିକୁ ସଂଯୋଗ କରୁଥିବା ରାଜ୍ୟ ରାଜପଥ ସମ୍ପ୍ରସାରଣ କରାଯିବ। ଏ ନେଇ ଗୁରୁବାର ଟାଙ୍ଗରପଡ଼ା ବଜାରର ରାସ୍ତା ଦୁଇ ପାର୍ଶ୍ୱରୁ ତହସିଲ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ଦୋକାନ ସହ ଲୋକଙ୍କ ପାଚେରିକୁ ଜେସିବି ଲଗାଇ ଭଙ୍ଗା ଯାଇଥିଲା। ପାଟଣା ଅତିରିକ୍ତ ତହସିଲଦାର ସରଣ ଜେନାଙ୍କ ନେତୃତ୍ୱରେ ରାଜସ୍ୱ ପରିଦର୍ଶକ ବନମାଳୀ ନାଏକ, ପାଟଣା ଥାନା ଏଏସ୍ଆଇ ମନୋରଞ୍ଜନ ସେଠୀ, ହାବିଲଦାର ରମେଶ ଚନ୍ଦ୍ର ନାଏକ, ଟାଙ୍ଗରପଡ଼ା ଆରଆଇ ଅନସୂୟା ନାଏକ, କଣ୍ଟିଆପଡ଼ା ଆରଆଇ ବିକ୍ରମ ମିଶ୍ର, ଡୁମୁରିଆ ଆରଆଇ ମଳୟ ନାୟକ, ରାଜନଘର ଆରଆଇ ଶିବ ପ୍ରସାଦ ମହାନ୍ତ, ଅମିନ ଦେବାଶିଷ ନାଏକ, ସୁରେଶ ନାଏକ ପ୍ରମୁଖଙ୍କ ଉପସ୍ଥିତିରେ ଉଚ୍ଛେଦ କାର୍ଯ୍ୟ ସମ୍ପନ୍ନ ହୋଇଛି।

# ଯୁବ ଉଦ୍ୟୋଗୀ ସମ୍ମାନ ପାଇବେ ପ୍ରତୀକ

**ବାଲେଶ୍ୱର ଅଫିସ,୨୨।୯**



ପ୍ରତୀକ ଜେନା।

ବାଲେଶ୍ୱର ହାଇଲାଣ୍ଡ ଗ୍ରୁପ୍‌ର ଅଧକ୍ଷ ପ୍ରତୀକ ଜେନା ପାଇବେ ଯୁବ ଉଦ୍ୟୋଗୀ ସମ୍ମାନ। ଗତ ୨ବର୍ଷ ଭିତରେ ୪ଶହ କୋଟି ଟଙ୍କାର ରପ୍ତାନୀ କରି ଭାରତ ପାଇଁ ଯୁବ ବ୍ୟବସାୟୀ ଭାବେ ସେ ଗୌରବ ଆଣିଛନ୍ତି। ଭାରତର ସି ଫୁଡ୍ କମ୍ପାନୀ ମଧ୍ୟରେ ଶ୍ରେଷ୍ଠ ୧୦ ଷ୍ଟାର୍ଟଅପ୍ କମ୍ପାନୀ ଭିତରେ ସେ ସ୍ଥାନ ପାଇଛନ୍ତି। ସେଥିପାଇଁ ଭୁବନେଶ୍ୱରରେ ଆସନ୍ତା ୨୫ ତାରିଖରେ ହେବାକୁ ଥିବା ‘ଦ ୟଙ୍ଗ ଚେଞ୍ଜ ମେକର’ ସମ୍ମିଳନୀ ଓ ସମ୍ମାନ ଉତ୍ସବରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ, ପ୍ରତୀକ ବାଲେଶ୍ୱରର ପୂର୍ବତନ ଏମ୍‌ପି ତଥା ବିଜେଡି ଜିଲା ସଭାପତି ଇଂ. ରବୀନ୍ଦ୍ର କୁମାର ଜେନା ଓ ସମାଜସେବୀ ସୁବାସିନୀ ଜେନାଙ୍କ ପୁତ୍ର ଅଟନ୍ତି। ଗତ ଜାନୁଆରୀ ମାସରେ ‘ଏ ଟ୍ରେଣ୍ଡସେଟର ଇନ ଦ ସିଫୁଡ ପ୍ରୋସେସିଂ କଲଚର’ ପାଇଁ ‘ଆଉଟ ଲୁକ୍’ ପତ୍ରିକାର କଭର ପେଜରେ ସ୍ଥାନରେ ପାଇଥିଲେ ପ୍ରତୀକ। ପିଲାବେଳୁ ପ୍ରତୀକ ବ୍ୟବସାୟ ପ୍ରତି ଆକୃଷ୍ଟ ହୋଇଥିଲେ। ପାଠ ପଢୁଥିଲା ବେଳେ ହେଲଥ କ୍ଲବ କରିବା ସହ ପରବର୍ତ୍ତୀ ସମୟରେ ଭିନ୍ନ ଭିନ୍ନ ବ୍ୟବସାୟରେ ମନୋନିବେଶ କରିଥିଲେ। ଏବେ ମେରାଇନ୍ ବ୍ୟବସାୟରେ ଲିପ୍ତ ରହିଛନ୍ତି।

# ସିକ୍ୟୁରିଟି ଗାର୍ଡଙ୍କୁ ହତ୍ୟା ଅଭିଯୋଗ

**ରୂପସା,୨୨।୯(ଡି.ଏନ.ଏ.)**

କଟକ ସ୍ଥିତ ଏକ ବ୍ୟାଙ୍କରେ ସିକ୍ୟୁରିଟି ଗାର୍ଡ ଭାବେ ଚାକିରି କରୁଥିବା ବାଲେଶ୍ୱର ଜିଲା ରୂପ୍‌ସା ଥାନା ରାଉତପଡ଼ା ଗ୍ରାମର ପ୍ରଭାତ କୁମାର ଗିରି(୩୩)ଙ୍କୁ ହତ୍ୟା କରାଯାଇଥିବା ତାଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ବୁଧବାର କଟକ ମଧୁପାଟଣା ଥାନା ବିଶଲ୍ୟକରଣୀ ଲେନ୍‌ସ୍ଥିତ ଭଡ଼ାଘରୁ ପ୍ରଭାତଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ରାଉତପଡ଼ା ଗ୍ରାମର ସ୍ୱର୍ଗତ ଦନାର୍ଦ୍ଦନ ଗିରିଙ୍କ ସାନପୁଅ ପ୍ରଭାତ ୫ ମାସ ହେବ କଟକ ସ୍ଥିତ ଆଇଡିଏଫ୍‌ସି ବ୍ୟାଙ୍କରେ ସିକ୍ୟୁରିଟି ଗାର୍ଡ ଭାବେ ଚାକିରି କରୁଥିଲେ। ସେ ବିଶ୍ୱକର୍ମା ପୂଜାରେ ଘରକୁ ଛୁଟି ନେଇ ଆସିଥିଲେ। ଗତ ୧୯ ତାରିଖରେ ପୁଣି କଟକ ଯାଇ ଡ୍ୟୁଟିରେ ଜଏନ କରିଥିଲେ। ୨୧ ତାରିଖ ସକାଳେ ଡ୍ୟୁଟିରେ ପହଞ୍ଚିବା ବିଳମ୍ବ ହେବାରୁ ବ୍ୟାଙ୍କର ଅନ୍ୟ ଜଣେ ଗାର୍ଡ ପ୍ରଭାତଙ୍କ ରୁମକୁ ଆସିଥିଲେ। ରୁମର କବାଟ ଭିତରପଟୁ ବନ୍ଦ ନ ଥିଲା। ସେ ପ୍ରଭାତଙ୍କୁ ଡାକି ଡାକି କବାଟ ଖୋଲି ଦେଖିବା ବେଳକୁ ରୁମ୍ ଭିତରେ ବେକରେ ବେଡ୍‌ସିଟ ଲଗାଇ ଫାଶୀ ଦେଇଥିବା ଜଣାପଡ଼ିଥିଲା। ଏ ନେଇ ସେ ଘର ମାଲିକ ଓ ଥାନାକୁ ଖବର ଦେଇଥିଲେ। ଫାଶୀ ଦେବାର ପାରିପାର୍ଶ୍ୱିକ ପରସ୍ଥିତି ଦେଖିଲା ବେଳକୁ ଚଟାଣରେ ସେ ଆଣ୍ଠୁମାଡ଼ି ଝୁଲି ରହିଥିଲେ। ଏପରି ସନ୍ଦେହଜନକ ମୃତ୍ୟୁ ପାଇଁ ତାଙ୍କର ବଡ଼ଭାଇ ସୁବ୍ରତ କୁମାର କୁମାର ଗିରି ଏହା ଏକ ହତ୍ୟାକାଣ୍ଡ ବୋଲି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ରାତିରେ ମୃତଦେହ ଗାଁକୁ ଅଣାଯାଇ ଅନ୍ତେଷ୍ଟିକ୍ରିୟା ସମ୍ପନ୍ନ ହୋଇଥିଲା। ତାଙ୍କର ପତ୍ନୀ, ବିଧବା ମାଆ, ୩ ବର୍ଷର ପୁଅ ଓ ଭାଉଜ ଭାଇ ଅଛନ୍ତି। ମୃତ୍ୟୁର ପ୍ରକୃତ ରହସ୍ୟ ଉନ୍ମୋଚନ କରାଯିବାକୁ ପରିବାର ଲୋକେ ଦାବି କରିଛନ୍ତି।

**ଝୁଲନ୍ତା ମୃତଦେହ ଜବତ**



ପ୍ରଭାତ କୁମାର ଗିରି(ଫାଇଲ୍ ଫଟୋ)।

# ଶୁଦ୍ଧିକ୍ରିୟାକୁ ଯାଉଥିଲେ, ବାଟରେ ଚାଲିଗଲା ଜୀବନ

**ଖୁଣ୍ଟା, ୨୨।୯ (ଡି.ଏନ.ଏ.)**

ଏକ ଶୁଦ୍ଧିକ୍ରିୟାରେ ଯୋଗଦେବାକୁ ଯାଉଥିଲେ। ବାଟରେ ସଡ଼କ ଦୁର୍ଘଟଣାରେ ଚାଲିଗଲା ମହିଳାଙ୍କ ଜୀବନ। ଗୁରୁବାର ପୂର୍ବାହ୍ନରେ ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଞ୍ଚଳରେ ଏଭଳି ଦୁଃଖଦ ଘଟଣା ଘଟିଛି। ମୃତ ମହିଳା ହେଲେ ଖୁଣ୍ଟା ଥାନା ଅଧୀନ ବଡ଼ସାତଶୂଳ ଗ୍ରାମର ହାଡ଼ିଆ ହାଁସଦାଙ୍କ ସ୍ତ୍ରୀ କାର୍ମୀ (୪୫)। ସୂଚନା ଅନୁଯାୟୀ, ହାଡ଼ିଆ, କାର୍ମୀ ଓ ତାଙ୍କ ସମ୍ପର୍କୀୟ ଖୁଡ଼ି ଆର୍ସୁ ସୋରେନ ଏକ ବାଇକ୍‌ରେ ଖଣ୍ଡାବୁଢ଼ା ଗ୍ରାମକୁ ଶୁଦ୍ଧିକ୍ରିୟାରେ ଯୋଗଦେବା ପାଇଁ ଯାଉଥିଲେ। ଖୁଣ୍ଟା–ବାରିପଦା ରାଜ୍ୟ ରାଜପଥର କେନାଲ ଛକଠାରେ ପଛପଟୁ ଆସୁଥିବା ଏକ ଅଟୋ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ୩ ଜଣ ରାସ୍ତାରେ ଛିଟିକି ପଡ଼ିଥିଲେ। ହାଡ଼ିଆ ଓ ଆର୍ସୁ ଆହତ ହୋଇଥିବା ବେଳେ କାର୍ମୀ ଚେତାଶୂନ୍ୟ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଖୁଣ୍ଟା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

# ଧନ୍ଦାମୂଳକ ଛାତ୍ରୀଛାତ୍ରଙ୍କ ଓଏସ୍ଏମ୍ଇ ପରିଦର୍ଶନ

## ଏନ୍ଏସ୍ ପୋଲିସ ହାଇସ୍କୁଲ

**କେନ୍ଦୁଝର,୨୨।୯ (ସ୍ୱ.ପ୍ର.)**

କେନ୍ଦୁଝର ଜିଲା ସଦରଠାରେ ଅବସ୍ଥିତ ଏନ୍ଏସ୍ ପୋଲିସ ହାଇସ୍କୁଲ୍‌ରେ ଧନ୍ଦାମୂଳକ ପାଠ ପଢୁଥିବା ଛାତ୍ରୀଛାତ୍ର ଏକ ଷ୍ଟଡି ଟୁର୍‌ରେ ଓଡ଼ିଶା ସ୍କୁଲ୍ ଅଫ୍ ମାଇନିଂ ଇଞ୍ଜିନିୟରିଂ (ଓଏସ୍ଏମ୍ଇ) ପରିଦର୍ଶନରେ ଯାଇଥିଲେ। ସେଠାରେ ଇଲେକ୍ଟ୍ରିକାଲ, ଇଲେକ୍ଟ୍ରୋନିକ୍ସ, ମେକାନିକାଲ, କମ୍ପ୍ୟୁଟର ଆଦି ବିଭାଗର ୱାର୍କଶପ୍ ବୁଲି ବିଭିନ୍ନ ବିଭାଗର ଯନ୍ତ୍ରପାତି ଓ ମେଶିନ୍ ଦେଖିବା ସହ ଅନୁଭୂତି ହାସଲ କରିଥିଲେ। ଓଏସ୍ଏମ୍ଇ ଅଧକ୍ଷ ଦାୟିତ୍ୱରେ ଥିବା ପାର୍ଥସାରଥି ଦାଶ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରି ସେମାନଙ୍କ ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ସନ୍ତୋଷିନୀ ସେଠୀ, ବରିଷ୍ଠ ଶିକ୍ଷକ ସଞ୍ଜୟ ସାମଲଙ୍କ ତତ୍ତ୍ୱାବଧାନରେ ଧନ୍ଦାମୂଳକ ଶିକ୍ଷକ ପ୍ରଦୀପ୍ତ ଦେହୁରୀ, ତନ୍ମୟ ରାଉତ, ବିଜ୍ଞାନ ଶିକ୍ଷୟିତ୍ରୀ ମଧୁସ୍ମିତା ଚକ୍ର, ସାଗରିକା ସାହୁ, ସହକାରୀ ଶିକ୍ଷକ ବିଜୟ ବେହେରା କାର୍ଯ୍ୟକ୍ରମର ସଫଳ ରୂପାୟନ କରିଥିଲେ।



ଓଏସ୍ଏମ୍ଇ ପରିଦର୍ଶନ କରୁଛନ୍ତି ଛାତ୍ରୀଛାତ୍ର।

# ହାତୀପ୍ରବଣ ଅଞ୍ଚଳରେ କାମ କରିବେ ଗଜସାଥୀ

**ବେତନଟୀ, ୨୨।୯ (ସ୍ୱ.ପ୍ର.)**

ଏଣିକି ହାତୀପ୍ରବଣ ଅଞ୍ଚଳରେ କାମ କରିବେ ଗଜସାଥୀ। ଏଥିପାଇଁ ମୟୂରଭଞ୍ଜ ଜିଲା ବେତନଟୀ ରେଞ୍ଜ କାର୍ଯ୍ୟାଳୟରେ ଗଜସାଥୀମାନଙ୍କୁ ବୁଧବାର ତାଲିମ ପ୍ରଦାନ କରାଯାଇଛି। ରେଞ୍ଜର ଘନଶ୍ୟାମ ସିଂଙ୍କ ସଂଯୋଜନାରେ ଆୟୋଜିତ ତାଲିମ ଶିବିରରେ ସହକାରୀ ବନ ସଂରକ୍ଷକ ରବିନାରାୟଣ ମହାନ୍ତି ପ୍ରଶିକ୍ଷଣ ଦେଇଛନ୍ତି। ସୂଚନା ଅନୁଯାୟୀ, ଏହି ରେଞ୍ଜ ଅଧୀନରେ ୧୯ଟି ବନ ସୁରକ୍ଷା ସମିତି କାର୍ଯ୍ୟ କରୁଛି। ଯେଉଁ ଅଞ୍ଚଳଗୁଡ଼ିକ ହାତୀପ୍ରବଣ ସେହି ବନ ସୁରକ୍ଷା ସମିତି ଅଧୀନ ବିଭିନ୍ନ ଗାଁକୁ ନେଇ ଗୋଟିଏ କ୍ଲଷ୍ଟର ଗଠନ ସହ ପ୍ରତ୍ୟେକ କ୍ଲଷ୍ଟରରୁ ୫ଜଣ ଲେଖାଏ ଗଜସାଥୀଙ୍କୁ ଚୟନ କରାଯାଇଛି। ରେଞ୍ଜରେ ମୋଟ ୩୫ କ୍ଲଷ୍ଟର ଗଠନ କରାଯାଇଥିବା ବେଳେ ପ୍ରାଥମିକ ପର୍ଯ୍ୟାୟରେ ୧୭୫ଜଣ ଗଜସାଥୀ ମନୋନୀତ ହୋଇଛନ୍ତି। ରେଞ୍ଜ ଅଧୀନ ବେତନଟୀ, କୃଷ୍ଣଚନ୍ଦ୍ରପୁର, ବଡାମପୁର ଆଦି ପ୍ରତ୍ୟେକ ସେକ୍ସନ ପାଇଁ ୧୦ଟି ଲେଖାଏ କ୍ଲଷ୍ଟର ଗଠନ କରାଯାଇଥିବା ବେଳେ ବୈଶିଙ୍ଗା ସେକ୍ସନ ଲାଗି ୫ଟି ଗଠିତ ହୋଇଛି। ପ୍ରତି କ୍ଲଷ୍ଟରରୁ ଚୟନ ହୋଇଥିବା ଗଜସାଥୀମାନେ ଅବୈତନିକ ଏବଂ ସ୍ୱେଚ୍ଛାସେବୀ ଭାବେ ବନ ବିଭାଗ ତତ୍ତ୍ୱାବଧାନରେ କାମ କରିବେ। ସେମାନଙ୍କୁ ବନ ବିଭାଗ ପକ୍ଷରୁ ହାତୀ ଘଉଡ଼ାଇବା ପାଇଁ ଆବଶ୍ୟକ ଟର୍ଚ୍ଚଲାଇଟ, ୟୁନିଫର୍ମ ସହ ଅନ୍ୟାନ୍ୟ ସରଞ୍ଜାମ ଯୋଗାଇ ଦିଆଯିବ। ସେମାନେ ମୁଖ୍ୟତଃ ଜନସାଧାରଣଙ୍କୁ ହାତୀମାନଙ୍କ ଚଳପ୍ରଚଳ ଉପରେ ସଚେତନ କରାଇବା ସହ ଗାଁକୁ ହାତୀ ପଶି ଆସିଲେ କ’ଣ ପଦକ୍ଷେପ ଗ୍ରହଣ କରିବାକୁ ହେବ ଏବଂ କିଭଳି ଗ୍ରାମବାସୀ ବଣୁଆ ହାତୀ ନିକଟତର ହେବେନାହିଁ ସେନେଇ କାମ କରିବେ। ପ୍ରଥମ ପର୍ଯ୍ୟାୟରେ କୃଷ୍ଣଚନ୍ଦ୍ରପୁର ସେକ୍ସନର ୧୦ କ୍ଲଷ୍ଟର ଏବଂ ବେତନଟୀ ସେକ୍ସନର ୮ ମୋଟ ୧୮ କ୍ଲଷ୍ଟରର ୯୦ ଗଜସାଥୀଙ୍କୁ ଏକଦିବସୀୟ ତାଲିମ ଦିଆଯାଇଛି। ବନପାଳ ପ୍ରଶାନ୍ତ ସିଂ ସାମନ୍ତ, ଅଭିନନ୍ଦନ ସାହୁଙ୍କ ସମେତ ଅନ୍ୟ କର୍ମଚାରୀମାନେ ଏଥିରେ ସାମିଲ ଥିଲେ।



ତାଲିମରେ ଭାଗ ନେଇଥିବା ଗଜସାଥୀମାନେ।

**ପ୍ରଥମ ପର୍ଯ୍ୟାୟରେ ତାଲିମ ନେଲେ ୯୦**

## ୩୭ ଲିଟର ମଦ ଜବତ, ୨ ଗିରଫ

ମୋରଡ଼ା,(ଡି.ଏନ୍.ଏ)-ମୟୂରଭଞ୍ଜ ଜିଲା ମୋରଡ଼ା ଅବକାରୀ ଚଢ଼ାଉ କରି ୩୭ ଲିଟର ଦେଶୀ ମଦ ଜବତ କରିଛି। ଘଟଣାରେ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ଥାନା ଅନ୍ତର୍ଗତ ପଞ୍ଚମାନିଆ ଗ୍ରାମର ନାରାୟଣ ସେନାପତି(୬୧), ଝରିଆର ଗଙ୍ଗାମଣି ରାମ ବୋଲି ଜଣାପଡ଼ିଛି। ସୂଚନା ମୁତାବକ, ମୋରଡ଼ା ଅବକାରୀ ଇନ୍ସପେକ୍ଟର ପିତାମ୍ବର ମହାପାତ୍ରଙ୍କ ସୂଚନା ଅନୁଯାୟୀ, ଏଏସ୍ଆଇ ଅନିଲ ସାଥୁଆ, କନଷ୍ଟେବଲ ପାର୍ବତୀ ମାଝି ପଞ୍ଚମାନିଆ ଓ ଝରିଆ ଗ୍ରାମରେ ଚଢ଼ାଉ କରି ନାରାୟଣ ଏବଂ ଗଙ୍ଗାମଣିଙ୍କ ଘରୁ ମୋଟ ୩୭ ଲିଟର ଚୋରା ଦେଶୀ ମଦ ଜବତ ହୋଇଛି।

## ସଂକ୍ଷେପରେ

### ସମ୍ପର୍କୀୟ ଅଜା ଗିରଫ

#### ନାତୁଣୀକୁ ବଳାତ୍କାର ଉଦ୍ୟମ ଘଟଣା

ବୈଶିଙ୍ଗା,୨୨।୯(ଡି.ଏନ୍.ଏ)-ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଞ୍ଚଳରେ ୧୩ ବର୍ଷୀୟା ନାତୁଣୀକୁ ବଳାତ୍କାର ଉଦ୍ୟମ ଅଭିଯୋଗରେ ସମ୍ପର୍କୀୟ ଅଜା ଗିରଫ ହୋଇଛନ୍ତି। ଅଭିଯୁକ୍ତ ଜଣଙ୍କ ଟେମ୍ପା ସୋରେନ ( ୩୫ )। ସେ ଗତ ମଙ୍ଗଳବାର ଅପରାହ୍ନରେ ନାବାଳିକାଙ୍କ ଘରେ କେହି ନଥିବା ସୁଯୋଗ ନେଇ ବଳାତ୍କାର ଉଦ୍ୟମ କରିଥିଲେ। ନାବାଳିକାଙ୍କ ଚିତ୍କାର ଶୁଣି ପଡ଼ୋଶୀ ପହଞ୍ଚି ଉଦ୍ଧାର କରି ଅଭିଯୁକ୍ତଙ୍କୁ ଅଟକ ରଖିଥିଲେ। ଗ୍ରାମସଭାରେ ବିଚାର କରି ଦେଢ଼ ଲକ୍ଷ ଟଙ୍କା ଜରିମାନା କରାଯାଇଥିଲା। ମାତ୍ର ଜରିମାନା ଦେବାକୁ ଅଭିଯୁକ୍ତ ଅକ୍ଷମତା ପ୍ରକାଶ କରିବାରୁ ପୀଡ଼ିତା ବୈଶିଙ୍ଗା ଥାନାରେ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ବୈଶିଙ୍ଗା ପୋଲିସ କେସ (ନଂ. ୨୮୩)ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ପୋକ୍ସୋ ଆଇନ ବଳରେ ଗିରଫ କରିଛି। ଆସନ୍ତାକାଲି ଉଭୟଙ୍କ ଡାକ୍ତରୀ ମାଇନା କରାଯାଇ କୋର୍ଟଚାଲାଣ କରାଯିବ ବୋଲି ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ରଙ୍କ ସୂଚନା।

### ଅଜଣା ରୋଗରେ ଯୁବକଙ୍କ ମୃତ୍ୟୁ

ଢେଙ୍କିକୋଟ,୨୨।୯(ଡି.ଏନ୍.ଏ)-କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅଧୀନ ପୋଇପାଣି ଗ୍ରାମରେ ଅଜଣା ରୋଗରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ଗ୍ରାମର ସୁରେଶ ନାଏକ (୩୩)। ଗତକାଲି ରାତିରେ ଖାଇ ପିଇ ଶୋଇବା ପରେ ସେ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କୁ ପରିବାର ଲୋକେ କେନ୍ଦୁଝର ଡାକ୍ତରଖାନାକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଢେଙ୍କିକୋଟ ପୋଲିସ ସବ୍ ଇନ୍ସପେକ୍ଟର ତରଣୀସେନ ବାଗ୍ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ଘଟଗାଁ ଥାନା କେସ (ନଂ.- ୫୦/୨୨)ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛନ୍ତି। ସୁରେଶଙ୍କ ମୃତ ଦେହକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମୃତ୍ୟୁର କାରଣ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଜଣାପଡ଼ିବ ବୋଲି ବାଗ୍ କହିଛନ୍ତି ।

### ବିଜେଡି ନେତାଙ୍କ ପରଲୋକ

ଲଙ୍ଗଳେଶ୍ୱର,୨୨।୯(ଡି.ଏନ.ଏ.)-ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ବଣିଆଁଡ଼ିହା ପଞ୍ଚାୟତର ବିଜୁ ଜନତା ଦଳର ପଞ୍ଚାୟତ ସଭାପତି ତଥା ବଣିଆଁଡ଼ିହା ସେବା



ସମବାୟ ସମିତିର ଉପସଭାପତି ଶିଶିର କୁମାର ପଣ୍ଡା(୬୦)ଙ୍କ ଗତ ବୁଧବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ମୃତ୍ୟୁ ଖବର ପାଇବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବଣିଆଁଡ଼ିହା ସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ବିଜେଡି ରାଜ୍ୟ ମହିଳା କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା, ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ବିଜେଡି ଜିଲା ଉପସଭାପତି ବଳରାମ ସାହୁ, ପୂର୍ବତନ ଜିଲାପରିଷଦ ସଦସ୍ୟ ରବୀନ୍ଦ୍ର ନାଥ ଅଣ୍ଡିଆଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ।

# ମନମୋହିଲା ଛାତ୍ରୀଛାତ୍ରଙ୍କ ଅଭିନୟ

**ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବ-୨୦୨୨**

ବାଲେଶ୍ୱର ଅଫିସ,୨୨।୯

ବାଲେଶ୍ୱର ସହର ଟାଉନହଲ୍ ପରିସରରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ଏବଂ ସାଂସ୍କୃତିକ ଅନୁଷ୍ଠାନ 'କଳାକାର'ର ମିଳିତ ସହଯୋଗରେ ୨୩ତମ ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଯୋଗଦେଇ ଥିବାବେଳେ 'ଯୁଗଶ୍ରୀ ଯୁଗନାରୀ' ପତ୍ରିକାର ସମ୍ପାଦିକା ମମତା ମହାପାତ୍ର, ସମାଜସେବୀ ଲକ୍ଷ୍ମୀନାରାୟଣ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଶିଶୁ ନାଟକ ଉପରେ ନିଜର ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ସଭାପତି ଡା. ଅମିତାଭ ଗିରି ପୌରହିତ୍ୟ କରିଥିବା ବେଳେ ମଙ୍ଗଳବାର ପ୍ରଥମ ସନ୍ଧ୍ୟାରେ ରାଣୀପାଟଣା ସ୍ଥିତ ଦୃଷ୍ଟିହୀନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ନାଟକ 'ଆଲୁଅ ଗଦାରୁ ଅ ଆ' ପରିବେଷଣ କରିଥିଲେ।



ଛାତ୍ରୀଛାତ୍ରଙ୍କ ଦ୍ୱାରା ମଞ୍ଚରେ ନାଟକ ପରିବେଷଣ।

ସେହିପରି ବୁଧବାର ଦ୍ୱିତୀୟ ସନ୍ଧ୍ୟାର ସଭା କାର୍ଯ୍ୟରେ ଅନୁଷ୍ଠାନର ଉପଦେଷ୍ଟା ପୂର୍ବତନ ବିଧାୟକ ପ୍ରଦୀପ୍ତ କୁମାର ପଣ୍ଡା ପୌରହିତ୍ୟ କରିଥିଲେ। ଅତିଥି ଭାବେ ପୌରାଧକ୍ଷା ସବିତା ସାହୁ, ସମାଜସେବୀ ଅଞ୍ଜଳି ପଣ୍ଡା, ଡା. ମଧୁବାଳା ଗିରି ଯୋଗଦେଇ ଶିଶୁ କଳାକାରଙ୍କୁ ଉତ୍ସାହିତ କରିଥିଲେ। ସଭା କାର୍ଯ୍ୟ ପରେ ୩ଟି ନାଟକ ମଞ୍ଚସ୍ଥ ହୋଇଥିଲା। ପ୍ରଥମେ ତୋଟାପଡ଼ା ମହାବୀର ଆବାସିକ ଉଚ୍ଚବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା 'ମୁଁ ଚର୍ଚ୍ଚିତା କହୁଛି' ନାଟକ ପରିବେଷଣ କରାଯାଇଥିଲା। ଦ୍ୱିତୀୟ ନାଟକରେ ପଣପଣା କନ୍ହେଇକର ସରକାରୀ ଉଚ୍ଚବିଦ୍ୟାଳୟ ପକ୍ଷରୁ 'ଜେଜେମା'ର ଗପମୁଣି' ନାଟକ ମଞ୍ଚସ୍ଥ କରାଯାଇଥିଲା। ଶେଷରେ ନିଧିପଣ୍ଡା ଶ୍ରୀରଘୁନାଥ ପବ୍ଲିକ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା 'ପବିତ୍ର ପାପୀ' ନାଟକ ମଞ୍ଚସ୍ଥ ହୋଇଥିଲା। ସେହିପରି ଗୁରୁବାର ତୃତୀୟ ସନ୍ଧ୍ୟାରେ ସୋର କମରପୁର ସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଛାତ୍ରୀଛାତ୍ରଙ୍କ ଦ୍ୱାରା 'କୁର୍ସି', ଗୁଡୁପାହି ଉଚ୍ଚ ବିଦ୍ୟାଳୟ ପକ୍ଷରୁ 'ଉପେକ୍ଷିତା', ଖପରାପଦା ଦେବର୍ଷି ଶିକ୍ଷା ନିକେତନ ପକ୍ଷରୁ 'ବୃନ୍ଦାବତୀ ହରଣ' ଓ ମୟୂରଭଞ୍ଜ ଜିଲା ମଙ୍ଗଳପୁର ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା 'ଗଙ୍ଗୋତ୍ରୀ' ନାଟକ ମଞ୍ଚସ୍ଥ ହୋଇଥିଲା। ଏହି ଶିଶୁ ନାଟକ ଉତ୍ସବ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଅନୁଷ୍ଠାନ କାର୍ଯ୍ୟକାରୀ ସଭାପତି ସୁରଞ୍ଜନ ଦାସମହାପାତ୍ର ଓ ସମ୍ପାଦକ ସୌମ୍ୟରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

# ଗଢ଼ିଲା ଭୋଟର ସଚେତନତା ରଥ

ବାରିପଦା ଅଫିସ,୨୨।୯

ମୟୂରଭଞ୍ଜ ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ଭୋଟର ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଜିଲାପାଳ ବିନୀତ ଭରଦ୍ୱାଜ ସବୁଜ ପତାକା ଦେଖାଇ ରଥକୁ ଉଦ୍‌ଘାଟନ କରିଥିଲେ। ଜିଲାର ବାରିପଦା, କପ୍ତିପଦା, ପାଞ୍ଚପୀଡ ଓ ବାମନଘାଟି ୪ ଉପଖଣ୍ଡରେ ଥିବା ୨୬ ବ୍ଲକରେ ଏହି ରଥ ପରିକ୍ରମା କରି ଭୋଟ୍ ସମ୍ପର୍କିତ ସଚେତନତା ବାର୍ତ୍ତା ପ୍ରଦାନ କରିବ। ଭୋଟର କାର୍ଡ ସହ ଆଧାର କାର୍ଡର ସଂଯୋଗୀକରଣ, ନୂତନ ଭୋଟରମାନେ ଭୋଟର କାର୍ଡ କରିବାରେ କିଭଳି ସମର୍ଥ ହେବେ ସେ ସମ୍ପର୍କରେ ବିସ୍ତୃତ ସୂଚନା ଜିଲାବାସୀ ପାଇପାରିବେ। ତେବେ ଯେଉଁମାନେ ନୂତନ ଭୋଟର କାର୍ଡ କରିବାକୁ ଚାହୁଁଛନ୍ତି, ସେମାନେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଥିବା ନିର୍ବାଚନ ଅଧିକାରୀଙ୍କ ଅଫିସ୍ ସହ ଯୋଗାଯୋଗ କଲେ ଭୋଟର କାର୍ଡ ପାଇପାରିବେ ବୋଲି ଜିଲାପାଳ ଭରଦ୍ୱାଜ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ହେମନ୍ତ ସିଂ, ଉପଜିଲାପାଳ ଅନ୍ୟା ଦାସ ପ୍ରମୁଖ ଉପସ୍ଥିତ ଥିଲେ।




ଭୋଟର ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି ଜିଲାପାଳ ବିନୀତ ଭରଦ୍ୱାଜ।

# ପିଆର୍‌ଏମ୍ ମେଡିକାଲରେ ହେବ କର୍କଟ ରୋଗ ନିରୂପଣ, ଚିକିତ୍ସା



ସ୍ୱତନ୍ତ୍ର ପ୍ରତିନିଧି ଦଳ ପିଆରଏମ ମେଡିକାଲରେ ଅନୁଧ୍ୟାନ କରୁଛନ୍ତି।

ବାରିପଦା ଅଫିସ,୨୨।୯

**ଜନସ୍ୱାସ୍ଥ୍ୟ ବିଭାଗ-ଟାଟା ମେମୋରିଆଲ ମଧ୍ୟରେ ଏମଓୟୁ**

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ (ପିଆର୍‌ଏମ୍)ମେଡିକାଲ କଲେଜ ଓ ଡାକ୍ତରଖାନାରେ କର୍କଟ ରୋଗ ନିରୁପଣ ଓ ଚିକିତ୍ସା ସେବା ଯୋଗାଇ ଦିଆଯିବ। ଏ ନେଇ ରାଜ୍ୟ ସରକାରଙ୍କ ଜନସ୍ୱାସ୍ଥ୍ୟ ବିଭାଗ ଓ ଟାଟା ମେମୋରିଆଲ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଏମଓୟୁ ସ୍ୱାକ୍ଷର ହୋଇଛି। ମୁମ୍ବାଇର ଟାଟା ମେମୋରିଆଲ ହସ୍ପିଟାଲ ପକ୍ଷରୁ ସ୍ୱତନ୍ତ୍ର ପ୍ରତିନିଧି ଭାବେ ବିଶେଷଜ୍ଞ ଡା.ସୁବର୍ଣ୍ଣ କର ଏବଂ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର କନ୍‌ସଲ୍‌ଟାଣ୍ଟ ଲଳିତ ମୋହନ ସାହୁ ଗୁରୁବାର ବାରିପଦାଠାରେ ପିଆରଏମ ମେଡିକାଲ କଲେଜ ଓ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ସମେତ ଜିଲା ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଏହି ପରିପ୍ରେକ୍ଷୀରେ ଏକ ବିଶେଷଜ୍ଞ ଦଳ ହସ୍ପିଟାଲରେ ଥିବା ବିଭିନ୍ନ ସରକାରୀ ବ୍ୟବସ୍ଥା ବୁଲି ଦେଖିବା ପରେ ସନ୍ତୋଷ ପ୍ରକାଶ କରିଛନ୍ତି। ଖୁବ୍ ଶୀଘ୍ର ଏହି ଚିକିତ୍ସା ସୁବିଧା ପିଆରଏମ ମେଡିକାଲ କଲେଜରେ କାର୍ଯ୍ୟକାରୀ ହେବା ନେଇ ସବୁଜ ସଙ୍କେତ ମିଳିଛି। ପ୍ରଥମ ପର୍ଯ୍ୟାୟରେ ୧୦ଟି ବେଡ୍‌ର ବ୍ୟବସ୍ଥା ରଖାଯିବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ଜିଲାରେ ଥିବା କର୍କଟ ରୋଗୀଙ୍କୁ ଚିକିତ୍ସା କରିବା ପାଇଁ ବାହାରକୁ ଯିବାକୁ ପଡ଼ିବ ନାହିଁ ବୋଲି ଜଣାପଡ଼ିବା ପରେ ଜିଲାବାସୀ ଖୁସି ବ୍ୟକ୍ତ କରିଛନ୍ତି।

# ବସ୍ ଧକ୍କାରେ ଜଣଙ୍କ ମୃତ୍ୟୁ

କେନ୍ଦୁଝର,୨୨।୯(ସ୍ୱ.ପ୍ର.)

କେନ୍ଦୁଝର ଜିଲା ସଦର ଥାନା ଅନ୍ତର୍ଗତ ପଳାଶପଙ୍ଗା ବିଟ୍ ଅଧୀନ ୨୦ ନମ୍ବର ଜାତୀୟ ରାଜପଥ ଟାଙ୍ଗରାଣୀ ହୋଟେଲ ସମ୍ମୁଖରେ ଏକ ଯାତ୍ରୀବାହୀ ବସ୍ ଧକ୍କାରେ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହରିଚନ୍ଦନପୁର ଥାନା ଦିନବନ୍ଧୁପୁର ଗ୍ରାମର ଚିନ୍ତାମଣି ମହାନ୍ତଙ୍କ ପୁଅ ବିଶ୍ୱନାଥ ମହାନ୍ତ।

ପ୍ରାପ୍ତ ସୂଚନା ଅନୁସାରେ, ବିଶ୍ୱନାଥ ଏକ ପିକ୍‌ଅପ୍ ଭ୍ୟାନ୍‌ରେ ସାଉଣ୍ଡ ଲାଇଟ୍ ସାମଗ୍ରୀ ଧରି ବଡ଼ବିଲ ଅଭିମୁଖେ ଯାଉଥିଲେ। ରାଜପଥ ଟାଙ୍ଗରାଣୀ ହୋଟେଲ ନିକଟରେ କୌଣସି କାରଣରୁ ଗାଡ଼ିରୁ ଖସି ପଡ଼ିଥିଲେ। ସ ସମୟରେ ବଡ଼ବିଲ ଅଭିମୁଖେ ଯାଉଥିବା କୌଶଲ୍ୟା ନାମକ ଯାତ୍ରୀବାହୀ ବସ୍ ତାଙ୍କ ମୁଣ୍ଡ ଉପରେ ଚଢ଼ି ଯାଇଥିଲା। ଘଟଣା ସ୍ଥଳରେ ବିଶ୍ୱନାଥଙ୍କ ମୃତ୍ୟୁ ଘଟିଥିଲା। ପଳାଶପଙ୍ଗ ବିଟ୍ ଅଧିକାରୀ ଭୋଳେଶ୍ୱର ନାଏକ ପହଞ୍ଚି ମୃତଦେହ ଜବତ କରି ବନାଯୋଡ଼ି ଟୋଲଗେଟ୍ ୧୦୩୩ ଆମ୍ବୁଲାନ୍ସ ଯୋଗେ ବ୍ୟବଚ୍ଛେଦ ପାଇଁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଦୁର୍ଘଟଣା ଘଟାଇଥିବା ବସ୍‌କୁ ଅଟକ ରଖା ଯାଇଥିବା ନାଏକ ସୂଚନା ପ୍ରଦାନ କରିଛନ୍ତି। ଏ ନେଇ ଏତଲା ମିଳିଲା ପରେ କେସ୍ ରୁଜୁ ହେବ ବୋଲି ସଦର ଥାନା ଅଧିକାରୀ ସୁନିଲ କର କହିଛନ୍ତି।

# ପୁଣି ଲଛମନଖୁଣ୍ଟାରେ ପଶିଲା ଦନ୍ତା

ରୂପସା,୨୨।୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଗଡ଼ପଦା ପଞ୍ଚାୟତ ଅଧୀନ ଲଛମନଖୁଣ୍ଟା ଅଞ୍ଚଳରେ ବାରମ୍ବାର ଏକ ଦନ୍ତା ହାତୀର ଉପଦ୍ରବ ଯୋଗୁ ଗ୍ରାମବାସୀ ଅତିଷ୍ଠ ହୋଇପଡ଼ିଛନ୍ତି। ବୁଧବାର ରାତିରେ ଏହି ହାତୀଟି ଲଛମନଖୁଣ୍ଟାର ଜାରାସାହିକୁ ଯାଇ ବୁଦୁନି ସିଂଙ୍କ ଘର ଭାଙ୍ଗିଥିବା ଦେଖିବାକୁ ମିଳିଛି। ଘରର ଆସବାବପତ୍ର ଓ ଧାନ ଚାଉଳସବୁ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ପୂର୍ବରୁ ହାତୀଟି ୧୦ରୁ ଉର୍ଦ୍ଧ୍ୱ ଘର ଓ ଘରର କାନ୍ଥ ଭାଙ୍ଗିଥିବାରୁ ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ବନବିଭାଗ ପକ୍ଷରୁ ହାତୀଟିକୁ ଗାଁରୁ ଘଉଡ଼ାଇବାକୁ ବିଫଳ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

# ୧୯୧ ୟୁନିଟ୍ ରକ୍ତ ସଂଗ୍ରହ

ପଦ୍ମପୁର,୨୨।୯(ଡି.ଏନ.ଏ.)

ବାସୁଦେବପୁର ବ୍ଲକ ଅଧୀନ ଶହୀଦ ସ୍ମୃତି ମହାବିଦ୍ୟାଳୟ ବାରାପୁରଠାରେ ମୋ ଓଡ଼ିଶା ପକ୍ଷରୁ ମେଗା ରକ୍ତଦାନ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ ଶିବିରରେ ୧୯୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ଜିଲା ପରିଷଦ ସଭ୍ୟ ଯଦୁନାଥ ନାୟକ, ଜୀବନବିନ୍ଦୁ କାର୍ଯ୍ୟକ୍ରମର ସଂଯୋଜକ ଅଜୟ ନାୟକ, ବ୍ଲକ ବିଜେଡ଼ି ସଭାପତି ଦୀନବନ୍ଧୁ ଦାସ, ବ୍ଲକ ଯୁବ ବିଜେଡ଼ି ସଭାପତି ଦେବଦର୍ଶନ ଦାସ, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର କୁମାର ବିଶ୍ୱାଳ, ବିଜେଡ଼ି ଯୁବ ସଭାପତି ଜଗବନ୍ଧୁ ଖିଲାର, ବ୍ଲକ ଉପାଧ୍ୟକ୍ଷାଙ୍କ ପ୍ରତିନିଧି ଚିନ୍ମୟ କୁମାର ବାରିକ, ଛାତ୍ର ବିଜେଡ଼ି ସଭାପତି କାଳନ୍ଦୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ରକ୍ତଦାନ ଶିବିରରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଓ ଅନ୍ୟମାନେ।

# ଆସନ୍ତା ପହିଲାରୁ ଉପନିଯୋଜନ କାର୍ଯ୍ୟାଳୟରେ ନାମ ପଞ୍ଜୀକରଣ

କେନ୍ଦୁଝର,୨୨।୯(ଡି.ଏନ୍.ଏ)

କେନ୍ଦୁଝର ଜିଲାର ଉପନିଯୋଜନ କାର୍ଯ୍ୟାଳୟମାନଙ୍କରେ ଅକ୍ଟୋବର ୧ ରୁ ନାମ ପଞ୍ଜୀକରଣ ଓ ନବୀକରଣ ପ୍ରକ୍ରିୟା ଅନ୍‌ଲାଇନ ମାଧ୍ୟମରେ କରାଯିବ। ଏଥି ନିମନ୍ତେ ନିଯୁକ୍ତି ଆଶାୟୀ ଯୁବତୀ ଓ ଯୁବକମାନେ ନିକଟସ୍ଥ କମନ ସର୍ଭିସ ସେଣ୍ଟର (ସେବା କେନ୍ଦ୍ର), ମୋ ସେବା କେନ୍ଦ୍ର କିମ୍ବା ନିଜ ମୋବାଇଲ୍ ମାଧ୍ୟମରେ ନାମ ପଞ୍ଜୀକରଣ, ନବୀକରଣ ପାଇଁ ଆବେଦନ କରି ପାରିବେ ବୋଲି ଜିଲା ନିଯୋଜନ ଅଧିକାରୀ ଗଣେଶ୍ୱର ନାୟକ ସୂଚନା ଦେଇଛନ୍ତି। ଅନ୍‌ଲାଇନ ମାଧ୍ୟମରେ ଆବେଦନ କରିବାର ୨୦ ଦିନ ମଧ୍ୟରେ ଆବେଦନ ପତ୍ରର ବୈଧତା ଓ ସ୍ଥିତି ସମ୍ପର୍କରେ ଜିଲା ନିଯୋଜନ ଅଧିକାରୀଙ୍କ କାର୍ଯ୍ୟାଳୟରେ ପ୍ରତ୍ୟେକ କାର୍ଯ୍ୟ ଦିବସରେ ଯାଞ୍ଚ କରାଇ ବୈଧ ପଞ୍ଜୀକରଣ, ନବୀକରଣ ପତ୍ର ପାଇପାରିବେ। ଆବେଦନ ପ୍ରକ୍ରିୟା, ଯାଞ୍ଚ ପ୍ରକ୍ରିୟାର ସମସ୍ତ ତଥ୍ୟ www.empmissionodisha.gov.in ୱେବ୍ ସାଇଟ୍‌ରେ ଉପଲବ୍ଧ। ଅଧିକ ବିବରଣୀ ପାଇଁ deokjr@gmail.com ଯୋଗେ ସମ୍ପର୍କ କରିବାକୁ ଜିଲା ନିଯୋଜନ ଅଧିକାରୀ ନାୟକ କହିଛନ୍ତି।

### ଅପହରଣ ମାମଲାରେ ଯୁବକ ଗିରଫ

କୁଆମରା,୨୨।୯(ଡି.ଏନ୍.ଏ)

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ପୁଲିସ ଏକ ଅପହରଣ ମାମଲାରେ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ଅଁଳାଗୁଳୀ ଗ୍ରାମର ରାଜିବ ବେସ୍ରା (୨୮)। ସୂଚତା ମୁତାବକ, ରାଜୀବ ଗତ ୨୦୧୯ ମସିହାରେ ଜଣେ ଯୁବତୀଙ୍କୁ ବଳପୂର୍ବକ ଅପହରଣ କରି ବଳାତ୍କାର କରି ଛାଡ଼ି ଦେଇଥିଲେ। ଏ ନେଇ ପୀଡ଼ିତାଙ୍କ ଅଭିଯୋଗ କ୍ରମେ (ନଂ. ୮୧/୧୯ )ରେ ଏକ ମାମଲା ରୁଜୁ ହୋଇ ଥିବା ବେଳେ ଅଭିଯୁକ୍ତ ଫେରାର ହୋଇ ମୁମ୍ବାଇ ପଳାଇ ଯାଇଥିଲେ। ଅଭିଯୁକ୍ତ ଗାଁକୁ ଆସିଥିବା ଖବର ପାଇ ପୋଲିସ ବାରିପଦା ଦୌରାଜଜ୍ କୋର୍ଟଙ୍କ ୱାରେଣ୍ଟ ବଳରେ ଘରୁ ଗିରଫ କରି କୋର୍ଟଚାଲାଣ କରିଛି।

# ୨୬ରେ ନିଯୁକ୍ତି ଅଭିଯାନ

କେନ୍ଦୁଝର,୨୨।୯(ଡିଏନ୍ଏ): ଆସନ୍ତା ୨୬ ତାରିଖରେ ମୟୂରଭଞ୍ଜ ଜିଲା ସଦର ମହକୁମା ବାରିପଦାଠାରେ ଟାଟା ଇଲେକ୍ଟ୍ରୋନିକ୍ସ ପ୍ରାଇଭେଟ୍ ଲିଃ ତରଫରୁ ନିଯୁକ୍ତି ଅଭିଯାନ ଆୟୋଜିତ ହେବ। ଆଶାୟୀ ଅନୁସୂଚିତ ଜନଜାତି ଓ ଜାତି ବର୍ଗର ଯୁବତୀଙ୍କ ପାଇଁ ଏହି ନିଯୁକ୍ତି ଅଭିଯାନ ଆୟୋଜିତ ହେବ ବୋଲି କେନ୍ଦୁଝର ଜିଲା ନିଯୋଜନ ଅଧିକାରୀ ଗଣେଶ୍ୱର ନାୟକ ସୂଚନା ଦେଇଛନ୍ତି। ଅଭିଯାନରେ କେନ୍ଦୁଝର ଜିଲାର ଅନୁସୂଚିତ ଜନଜାତି ଓ ଜାତି ବର୍ଗର ନିଯୁକ୍ତି ଆଶାୟୀ ଯୁବତୀମାନେ ଅଂଶଗ୍ରହଣ କରିପାରିବେ। ଏଥିନିମନ୍ତେ ଜିଲାର ଇଚ୍ଛୁକ ପ୍ରାର୍ଥୀ ୨୪ ସେପ୍ଟେମ୍ବର ସୁଦ୍ଧା ଜିଲା ନିଯୋଜନ ଅଧିକାରୀ କେନ୍ଦୁଝରଙ୍କ ସହ ଯୋଗାଯୋଗ କରିବାକୁ କୁହାଯାଇଛି। ପ୍ରାର୍ଥୀମାନେ ଯେ କୌଣସି ବିଷୟରେ +୨ ପାସ୍ କରିଥିବା ଆବଶ୍ୟକ। ବୟସ ସୀମା ୨୦୨୨ ସେପ୍ଟେମ୍ବର ସୁଦ୍ଧା ୧୮ରୁ ୨୧ ବର୍ଷ ହୋଇଥିବ ଏବଂ ଓଜନ ୪୩ ରୁ ୬୫ କିଗ୍ରା ଏବଂ ଉଚ୍ଚତା ସର୍ବନିମ୍ନ ୧୫୦ ସେମି ହୋଇଥିବା ଆବଶ୍ୟକ ବୋଲି ଶ୍ରୀ ନାୟକ ସୂଚନା ଦେଇଛନ୍ତି।

# ଜିଲାପାଳଙ୍କୁ ଦାବିପତ୍ର ଦେଲେ ଶିକ୍ଷକ, କର୍ମଚାରୀ

**ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଦୁର୍ନୀତି ଅଭିଯୋଗ**

କେନ୍ଦୁଝର,୨୨।୯(ସ୍ୱ.ପ୍ର)

ଅବସରପ୍ରାପ୍ତ ଓ କାର୍ଯ୍ୟରତ ମାଧ୍ୟମିକ ଶିକ୍ଷକ ଓ କର୍ମଚାରୀଙ୍କ ପକ୍ଷରୁ କେନ୍ଦୁଝର ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଦୁର୍ନୀତି ଅଭିଯୋଗ ହୋଇଛି। ଏ ନେଇ ଗୁରୁବାର କେନ୍ଦୁଝର ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗରେ ଦୀର୍ଘ ବର୍ଷ ଧରି ରହିଥିବା କର୍ମଚାରୀ ତଥା ଅଧିକାରୀଙ୍କୁ ବିଦା କରିବାକୁ ଦାବି କରିଛନ୍ତି। ସେମାନଙ୍କ ଯୋଗୁଁ କାର୍ଯ୍ୟ ବିଳମ୍ବ ହେଉଥିବା କୁହାଯାଇଛି। ଦାବିପୂରଣ ନ ହେଲେ ଆସନ୍ତା ଗାନ୍ଧୀ ଜୟନ୍ତୀରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସଞ୍ଜୟ ବସନ୍ତ ଚକ୍ର, ରବୀନ୍ଦ୍ର ପଣ୍ଡା, କ୍ଷୀରୋଦ ରାଉତ ସମେତ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ ଯେ, କେନ୍ଦୁଝର ଜିଲା ଅଧୀନ ଶିକ୍ଷକ ଭବନଠାରେ ବୁଧବାର ଉକ୍ତ ପ୍ରସଙ୍ଗରେ ଓଷ୍ଟା ଓ ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସମିତିର ମିଳିତ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ରଘୁନାଥ ବେହେରାଙ୍କ ଅଧ୍ୟକ୍ଷତାରେ ସଞ୍ଜୟ ବସନ୍ତ ଚକ୍ର, ରବୀନ୍ଦ୍ର ପଣ୍ଡା, ଚିନ୍ତାମଣି ଜେନା, ଶାନ୍ତନୁ ମିଶ୍ର, କ୍ଷୀରୋଦ ରାଉତ, ପ୍ରଶାନ୍ତ ମିଶ୍ର, ଭିକାରୀ ଚରଣ ସାହୁ, କାହ୍ନୁ ଚରଣ ସାମଲ, ବାସୁଦେବ ମହାନ୍ତ, ଯୁଧିଷ୍ଠିର ମହାନ୍ତ, ପ୍ରଦୀପ ହଜାରୀ, ମନ୍ମଥ ନାଥ ମହାନ୍ତ, ପୁଷ୍ପାଞ୍ଜଳି ମିଶ୍ର ପ୍ରମୁଖ ଯୋଗଦେଇ ବିଭିନ୍ନ ସମସ୍ୟା ଉପରେ ମତାମତ ରଖିଥିଲେ।



ଶିକ୍ଷକମାନେ ଦାପିବତ୍ର ପ୍ରଦାନ କରୁଛନ୍ତି ।

# 'ସଚେତନ ହେଲେ ସାଇବର କ୍ରାଇମ୍ ରୋକିହେବ'

ବାଲେଶ୍ୱର ଅଫିସ,୨୨।୯

ବାଲେଶ୍ୱର ଜିଲା ଲିଗାଲ ସର୍ଭିସ୍ ଅଥରିଟି ପକ୍ଷରୁ ଗୁରୁବାର ନିଷ୍ଟ କଲେଜରେ ସାଇବର କ୍ରାଇମ ଉପରେ ଏକ ସେମିନାର ଅନୁଷ୍ଠିତ ହୋଇଯାଇଛି। ସଚେତନ ହେଲେ ଆଗାମୀ ଦିନରେ ସାଇବର ଅପରାଧକୁ ରୋକିହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିବା ସହ ଏହି ସେମିନାର ନିଷ୍ଟର ଏକ ଭିନ୍ନ ପ୍ରୟାସ ବୋଲି କହିଥିଲେ।

ସେମିନାରରେ ଅଧ୍ୟାପକ ଡ. ପଙ୍କଜ କୁମାର ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ଲୋକ ଅଦାଲତର ଚେୟାରମ୍ୟାନ ଚିନ୍ତାମଣି ପଣ୍ଡା ଯୋଗଦେଇ ସାଇବର କ୍ରାଇମ କେମିତି ଆମକୁ କ୍ୟାନ୍‌ସର ଭଳି ଖାଇ ଯାଉଛି ସେ ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ସାଇବର ପୋଲିସ୍ ଥାନାର ଆଇଆଇସି ମିନା ବିନ୍ଧାଣି ଯୋଗଦେଇ ସୋସିଆଲ ମିଡ଼ିଆରେ ପ୍ରୋଫାଇଲ ଲକ୍ ବିଷୟରେ କହିଥିଲେ। ସମ୍ମାନୀୟ ଅତିଥିଭାବେ ଜିଲା ଲିଗାଲ ସେଲର ସମ୍ପାଦକ ପ୍ରିୟରଞ୍ଜନ ଓଝା ଯୋଗଦେଇ ସେଲର ଉପାଦେୟ ବିଷୟରେ କହିବା ସହ ସାଇବର କ୍ରାଇମର ଦଣ୍ଡବିଧାନ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ବକ୍ତାଭାବେ ସାଇବର ଥାନାର ଏସ୍ଆଇ ମାନସ ବିଶ୍ୱାଳ ଯୋଗଦେଇ ଫେସବୁକ ଓ ଇନ୍‌ଷ୍ଟାଗ୍ରାମ୍ ଠକେଇ ବିଷୟରେ ଆଲୋଚନା କରିଥିଲେ। ଅନ୍ୟତମ ବକ୍ତା ଭାବେ ସାଇବର ଥାନାର ଏସ୍ଆଇ ସ୍ୱର୍ଣ୍ଣପ୍ରଭା ଜେନା ଆମେ ଫେସବୁକ ଦ୍ୱାରା କେମିତି ନଷ୍ଟ ହୋଇଯାଉଛେ ସେ ବିଷୟରେ କହିଥିଲେ। ଅନ୍ୟତମ ଅତିଥିଭାବେ ଅଧ୍ୟାପକ ନିରଞ୍ଜନ ଜେନା, ଅଧ୍ୟାପକ ବିଦ୍ୟାଧର ପ୍ରଧାନ ଯୋଗ ଦେଇଥିଲେ। ଅତିଥି ମାନଙ୍କୁ ନିଷ୍ଟର ଇଂରାଜୀ ବିଭାଗର ଅଧ୍ୟାପିକା ରାଜେଶ୍ୱରୀ ପଣ୍ଡା ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ। ଆଡଭୋକେଟ୍ ସତ୍ୟେନ୍ଦ୍ର ଉମାଶଙ୍କର ରାଉତ ଧନ୍ୟବାଦ ଦେଇଥିଲେ। ଏଥିରେ ଅଧ୍ୟାପକ ଡ. ସଂଗ୍ରାମ କୁମାର ରାଉତ, ଅଧ୍ୟାପକ ସତ୍ୟନାରାୟଣ ସାହୁ, ଅଧ୍ୟାପକ ଉତ୍ତମ କୁମାର ବାରିକ, ଅଧ୍ୟାପକ ସୌମ୍ୟକାନ୍ତ ଦଳାଇ, ଅଧ୍ୟାପକ ମାନସ କୁମାର ଗିରି, ଅଧ୍ୟାପକ ପର୍ଶୁରାମ ଗିରି, ଅଧ୍ୟାପ ତାପସ କୁମାର ମିଶ୍ର, ନିୟନ୍ତ୍ରଣ ଅଧିକାରୀ ସଦାଶିବ ଜେନା, ନିୟନ୍ତ୍ରଣ ଅଧିକାରୀ ଅଜିତ କୁମାର ସାହୁ, ମନୋଜ କୁମାର ପ୍ରଧାନ, ପ୍ରସନ୍ନଜିତ୍ ଦତ୍ତ, ଶ୍ରୁତିରଞ୍ଜନ ଅଧିକାରୀ, ରାଜେନ୍ଦ୍ର ମନ୍ତ୍ରୀ, ଉତ୍ତମ କୁମାର ବେହେରା, ଉମାକାନ୍ତ ଜେନା, ନଗେନ୍ଦ୍ର କରଣ, ତପନ କୁମାର ରାଉତ, ଲକ୍ଷ୍ମୀକାନ୍ତ ନାଥ ସହଯୋଗ କରିଥିଲେ । ଏଥିରେ ୨୦୦ ଛାତ୍ର, ଅଧ୍ୟାପିକା-ଅଧ୍ୟାପକ ଯୋଗ ଦେଇଥିଲେ। ଶେଷ ପର୍ଯ୍ୟାୟରେ ପିଲାମାନଙ୍କର ପ୍ରଶ୍ନର ଉତ୍ତର ଲୋକ ଅଦାଲତର ଚେୟାରମ୍ୟାନ ପଣ୍ଡା ଦେଇଥିଲେ।




ସେମିନାରରେ ମଞ୍ଚାସୀନ ଅତିଥି।

## ୨୬ରେ ଏଏପିର ବିଧାନସଭାସ୍ତରୀୟ କର୍ମୀ ସମ୍ମିଳନୀ

କେନ୍ଦୁଝର,(ଡି.ଏନ୍.ଏ.)-କେନ୍ଦୁଝର ଜିଲାରେ ଆମ୍ ଆଦମୀ ପାର୍ଟି(ଏଏପି)ର ବିଧାନସଭାସ୍ତରୀୟ କର୍ମୀ ସମ୍ମିଳନୀ ଆସନ୍ତା ୨୬ରେ ଅନୁଷ୍ଠିତ ହେବ। ଏ ନେଇ କେନ୍ଦୁଝର କୋର୍ଟ ପାଖରେ ଥିବା ସାଇନାଥ ଗେଷ୍ଟ ହାଉସ୍ ଠାରେ ଆମ୍ ଆଦମୀ ପାର୍ଟି ଜିଲା ସଭାପତି ମେଘନାଥ ମାଝୀଙ୍କ ସଭାପତିତ୍ୱରେ କର୍ମୀ ସମ୍ମିଳନୀର ରୂପରେଖ ନେଇ ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା ଉପସଭାପତି ଜୈନୁଲ ଆବେଦିନ୍, ଯୁବ ସଭାପତି ହେମନ୍ତ ମହାନ୍ତ, ଜିଲା ସମ୍ପାଦକ ଶୁଭଙ୍କର ମହାନ୍ତି, ଜିଲା ସମ୍ପାଦକ ଜିତେନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

### ସଂକ୍ଷେପରେ

## ଆମ୍ବୁଲାନ୍ସ ଧକ୍କାରେ ୩ ଗୁରୁତର

ଢେଙ୍କିକୋଟ,୨୨।୯(ଡି.ଏନ୍.ଏ)-କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ମନୋହରପୁର ପଞ୍ଚାୟତ ଗଣ୍ଡଶିଳା ଗ୍ରାମରେ ଏକ ଆମ୍ବୁଲାନ୍ସ ଧକ୍କାରେ ୩ ଜଣ ଗୁରୁତର ହୋଇଛନ୍ତି। ପୋଲିସ ଆମ୍ବୁଲାନ୍ସକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଗିରଫ କରିଛି। ସୂଚନା ମୁତାବକ ରୋଗୀ ନେଇ ଆସିଥିବା କଟକର ଏକ ଆମ୍ବୁଲାନ୍ସ ଗଣ୍ଡଶିଳା ଗ୍ରାମରେ ଏକ ସ୍କୁଟିକୁ ଧକ୍କା ଦେଇଥିଲା। ଫଳରେ ସ୍କୁଟିରେ ଥିବା ୩ ଜଣ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ଖବର ପାଇ ଢେଙ୍କିକୋଟ ପୋଲିସ ବିଟ୍ ହାଉସର ସବ୍ ଇନ୍ସପେକ୍ଟର ତରଣୀସେନ ବାଗ୍ ଘଟଣା ସ୍ଥଳରେ ପହଞ୍ଚି ଚାନ୍ଦିନୀଚୌକର ଆମ୍ବୁଲାନ୍ସ ଡ୍ରାଇଭର ବିଶ୍ୱମୋହନ ସାହୁଙ୍କୁ ଅଟକ ରଖିଥିଲେ। ସେ ପ୍ରଚୁର ମଦ୍ୟପାନ କରି ବେପରୁଆ ଗାଡ଼ି ଚଳାଇ ଧକ୍କା ଦେଇଥିବା ତଦନ୍ତରୁ ଜଣା ପଡ଼ିଥିଲା। ଏ ନେଇ ଘଟଗାଁ ଥାନା କେସ (ନଂ.- ୦୭/୨୨)ରେ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ କରି ଡ୍ରାଇଭରଙ୍କୁ କୋର୍ଟଚାଲାଣ କରିଛନ୍ତି। ଆମ୍ବୁଲାନ୍ସକୁ ଜବତ କରିଥିବା ପ୍ରକାଶ କରିଛନ୍ତି।

## ଅଟୋ ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

କୁଆମରା,୨୨।୯(ଡି.ଏନ୍.ଏ)-ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ବଡ଼ ସାତଶୋଳ ଗାଁ ନିକଟ ଉଦଳା ବାରିପଦ ରାସ୍ତାରେ ଏକ ମାଲବାହୀ ଅଟୋ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ବଡ଼ ସାତଶୋଳ ଗାଁର ହାଡ଼ିଆ ହାଁସଦାଙ୍କ ସ୍ତ୍ରୀ କାର୍ମୀ ହାଁସଦା। ପୋଲିସ ସୂଚନା ମୁତାବକ ଉପରୋକ୍ତ ଦମ୍ପତି ବାଇକ ଯୋଗେ ବାରିପଦା ଅଭିମୁଖେ ଯାଉଥିଲେ। ଉଦଳା ବାରିପଦ ରାସ୍ତାରେ ମୁଖ୍ୟ ରାସ୍ତାକୁ ଉଠିବା ସମୟରେ ରାସ୍ତାରେ ଯାଉଥିବା ଏକ ମାଲବାହୀ ଅଟୋ (ଓଡି ୧୧ ଜେଡ୍ ୨୮୬୨) ତାଙ୍କୁ ଧକ୍କା ଦେଇଥିଲା। ଫଳରେ କାର୍ମୀଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ଖୁଣ୍ଟା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅଟୋଟିକୁ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଘଟଣାରେ ଏକ ମାମଲା (୨୫୭/୨୨)ରେ ରୁଜୁ କରି ତଦନ୍ତ କରୁଛି।

## ବିଷ୍ଣୁଙ୍କ ସ୍ମୃତିଚାରଣ

ଧାମନଗର, ୨୨।୯(ସ୍ୱ.ପ୍ର.)-ଧାମନଗର ବ୍ଲକ ଶହୀଦ ନଗରଠାରେ ଶହୀଦ ସ୍ମୃତି ରକ୍ଷା କମିଟି ପକ୍ଷରୁ ବୁଧବାର ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରାଯାଇ ସ୍ୱର୍ଗତ ବିଧାୟକ ବିଷ୍ଣୁ ସେଠୀଙ୍କ ସ୍ମୃତିଚାରଣ କରାଯାଇଛି। ଶହୀଦ ସ୍ମୃତିରକ୍ଷା କମିଟି ସଭାପତି ରହିଥିବା ସ୍ୱର୍ଗତ ସେଠୀ ଏହି ରାଷ୍ଟ୍ରୀୟ କାର୍ଯ୍ୟକ୍ରମକୁ ଗତ ୩ବର୍ଷ ଧରି ଯେଉଁଭଳି ଭାବେ ଆୟୋଜନ କରିଥିଲେ ଏହାକୁ ରାଜନୈତିକ ବିଚାରରୁ ଉର୍ଦ୍ଧ୍ୱକୁ ନେଇ ସମାଜର ସବୁବର୍ଗର ଲୋକଙ୍କୁ ଯୋଡ଼ିବା ସହ ଶହୀଦମାନଙ୍କ ପରିବାରକୁ କିଭଳି ସମ୍ମାନ ଦିଆଯିବ ସେଥିପାଇଁ ତାଙ୍କର ଆଗ୍ରହୀ ମନୋବୃତ୍ତି ମନେ ରହିବ ବୋଲି ମତପ୍ରକାଶ ପାଇଥିଲା। ଶହୀଦ ସ୍ମୃତିରକ୍ଷା କମିଟି ଉପସଭାପତି ଖବରଦାତା ବୈକୁଣ୍ଠ ନାଥ ସାହୁ ସଭାରେ ପୌରୋହିତ୍ୟ କରିଥିଲେ। କମିଟି କର୍ମକର୍ତ୍ତା ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ମନୋଜ କୁମାର ମଲ୍ଲିକ, ପୂର୍ବତନ ଜିଲା ପରିଷଦ ସଭ୍ୟ ଦେବେନ୍ଦ୍ର ପୁହାଣ, ସାଧାରଣ ସମ୍ପାଦକ ଗୟାଧର ନାୟକ, ସତ୍ୟନାରାୟଣ ପଣ୍ଡା, ସରପଞ୍ଚ ସରୋଜ ସ୍ୱାଇଁ, ଦୀପ୍ତିରଞ୍ଜନ ଦାସ ଓ ହରିହର ବାରିକ ପ୍ରମୁଖ ଯୋଗ ଦେଇଥିଲେ।

## ପୋଲିସର ଚଢ଼ାଉ ଲଟେରୀ ଟିକେଟ ସହ ଟଙ୍କା ଜବତ, ଜଣେ ଗିରଫ

ଉଦଳା, ୨୨।୯ (ଡି.ଏନ.ଏ.)-ପଶ୍ଚିମବଙ୍ଗରୁ ଆଣି ଉଦଳାରେ ଲଟେରୀ ଖେଳ ମାଧମରେ ଲୋକଙ୍କୁ ରାତାରାତି ଲକ୍ଷପତି କରାଇବାର ସ୍ୱପ୍ନ ଦେଖାଉଥିଲେ। ଆଉ ଖେଳ ଆଳରେ ଚାଲିଥିଲା ଲୁଟ୍। ଲଟେରୀ ଆଡ୍ଡା ଉପରେ ଉଦଳା ପୋଲିସ ଚଢ଼ାଉ କରି ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିବା ବେଳେ ମାଷ୍ଟରମାଇଣ୍ଡ ଏବଂ ଅନ୍ୟମାନେ ଫେରାର ହୋଇଯାଇଛନ୍ତି। ସୂଚନା ଅନୁଯାୟୀ, ଉଦଳା ଥାନା ଅଧୀନ ଏନ୍ଏସି ୪ନଂ. ୱାର୍ଡରେ ଚାଲିଥିବା ଲଟେରୀ ଆଡ୍ଡାରେ ବୁଧବାର ରାତିରେ ପୋଲିସ ଚଢ଼ାଉ କରିଥିଲା। ଖେଳ କରାଉଥିବା କାର୍ତ୍ତିକ ଚରଣ ସେଠୀ(୪୫)ଙ୍କୁ ପୋଲିସ କରିଥିଲା। ତାଙ୍କ ନିକଟରୁ ପୋଲିସ ବ୍ୟାପକ ପରିମାଣର ଲଟେରୀ ଟିକେଟ ସହ ୧୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଜବତ କରିଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

# ବିଦ୍ୟୁତ୍ ଲାଇନ୍ କେବୁଲ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ

### ଜିଲାସ୍ତରୀୟ ଜଙ୍ଗଲ ସୁରକ୍ଷା ସମନ୍ୱୟ କମିଟି ବୈଠକ

### ବନ୍ୟପ୍ରାଣୀ, ପରିବେଶର ସୁରକ୍ଷାକୁ ଗୁରୁତ୍ୱ

କେନ୍ଦୁଝର,୨୨।୯ (ଡି.ଏନ.ଏ./ସ୍ୱ.ପ୍ର.)

କେନ୍ଦୁଝର ଜିଲାସ୍ତରୀୟ ଜଙ୍ଗଲ ସୁରକ୍ଷା ସମନ୍ୱୟ କମିଟିର ବୈଠକ ଗୁରୁବାର ଦରବାର ହଲଠାରେ ଜିଲାପାଳ ଆଶିଷ ଠାକ୍ରେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଜିଲାପାଳ ସମସ୍ତଙ୍କୁ ସ୍ୱାଗତ କରି କିଛିଦିନ ପୂର୍ବରୁ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଦୁଇଟି ହାତୀର ମୃତ୍ୟୁ ଘଟଣା ଏକ ସ୍ପର୍ଶକାତର ପ୍ରସଙ୍ଗ ହୋଇଥିଲା। ଏଣୁ ହାତୀ ମୃତ୍ୟୁ ଏଡ଼ାଇବା ପାଇଁ ବିଦ୍ୟୁତ୍ ବିଭାଗ ତୁରନ୍ତ ବିଦ୍ୟୁତ୍ ଲାଇନ୍ କେବୁଲିଂ କାର୍ଯ୍ୟ ଶେଷ କରିବାକୁ ବିଭାଗକୁ ତାଗିଦ୍ କରିଥିଲେ। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏବଂ ରେଲୱେ କର୍ତ୍ତୃପକ୍ଷ ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ।

ଏତତ୍ ବ୍ୟତୀତ୍ ଜଙ୍ଗଲ, ବନ୍ୟପ୍ରାଣୀ ଓ ପରିବେଶର ସୁରକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଏହି ପ୍ରସଙ୍ଗ ଉପରେ ସରକାର ଅଧିକ ଗୁରୁତ୍ୱ ଦେଉଛନ୍ତି। ଏଣୁ ଜଙ୍ଗଲ, ହାତୀ ସମେତ ଅନ୍ୟ ବନ୍ୟପ୍ରାଣୀ ତଥା ପରିବେଶର ସୁରକ୍ଷା ପାଇଁ ବିଭିନ୍ନ ବିଭାଗ, ଅନୁଷ୍ଠାନ ଓ ସଂଗଠନ ମଧ୍ୟରେ ଉତ୍ତମ ସମନ୍ୱୟ ରହିବା ଏକାନ୍ତ ଆବଶ୍ୟକ ବୋଲି କହିଥିଲେ। ବିକାଶର ପ୍ରକ୍ରିୟାରେ ରାସ୍ତା, ରାଜପଥ, ରେଳ ପ୍ରକଳ୍ପ ଏବଂ ଅନ୍ୟାନ୍ୟ ଉନ୍ନୟନମୂଳକ ପ୍ରକଳ୍ପ ଚାଲୁ ରହିଛି। ଏହା ସହିତ ଜଙ୍ଗଲ, ବନ୍ୟଜନ୍ତୁ ଓ ପରିବେଶର ସୁରକ୍ଷା ମଧ୍ୟ ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି ଜିଲାପାଳ କହିଥିଲେ। ପରେ କମିଟିର ଆବାହକ ତଥା ଡିଏଫ୍ଓ ଧନରାଜ ଏଚ୍ଡି ଜିଲାସ୍ତରୀୟ ଜଙ୍ଗଲ ସୁରକ୍ଷା ସମନ୍ୱୟ କମିଟିର ଉଦ୍ଦେଶ୍ୟ ଓ ଆବଶ୍ୟକତା ଉପରେ ଆଲୋକପାତ କରି ବାସୁଦେବପୁର ଠାରେ ହାତୀ ଯାତାୟାତ ପାଇଁ ଅଣ୍ଡର ପାସ୍ ନିର୍ମାଣର ଆବଶ୍ୟକତା, ମେଟାଲ ବାରିକେଡିଂ ହଟାଇବା, ଗର୍ତ୍ତଗୁଡ଼ିକରେ ବାରିକେଡିଂ ବ୍ୟବସ୍ଥାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଆଶୁ ପଦକ୍ଷେପ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ରାଜପଥରେ ହାତୀ ଯାତାୟାତ ସ୍ଥାନର ତାଲିକା ବନବିଭାଗ ପ୍ରଦାନ କଲେ ସେହି ସ୍ଥାନରେ ଗାଡ଼ି ପାର୍କିଂ ନ କରାଯିବା ପାଇଁ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ କହିଥିଲେ। ରେଲୱେ ଲାଇନ୍‌ର ଦୁଇ ପାର୍ଶ୍ୱ ସଫା ରଖିବାକୁ ରେଲୱେ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାର ବନାଞ୍ଚଳରେ ହାତୀ ଯାତାୟାତ ପଥ ଦେଇ ଯାଇଥିବା ବିଦ୍ୟୁତ୍ ଲାଇନ୍ ଗୁଡ଼ିକୁ କେବୁଲିଂ କରାଯିବା ପ୍ରକ୍ରିୟା ଅତି ମନ୍ଥର ହୋଇଥିବାରୁ ଜିଲାପାଳ କ୍ଷୋଭ ପ୍ରକାଶ କରି ଯଥାଶୀଘ୍ର କାମ ଶେଷ କରିବା ନିମନ୍ତେ ଟିପିଏନ୍ଓଡିଏଲ୍‌ର ଅଧିକ୍ଷଣ ଯନ୍ତ୍ରୀଙ୍କୁ ତାଗିଦ୍ କରିଥିଲେ। ଏ ସମ୍ପର୍କରେ ଡିଏଫ୍ଓ ଟିପିଏନ୍ଓଡିଏଲର ସିଇଓଙ୍କ ସହିତ ଯୋଗସୂତ୍ର ରକ୍ଷା କରି କେବୁଲିଂ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ କହିଥିଲେ। ଏଥି ସହ ମନଇଚ୍ଛା ବିଦ୍ୟୁତ୍ କାଟ ନ କରି କେବଳ ହାତୀ ବିଚରଣ ଅଞ୍ଚଳରେ ବିଦ୍ୟୁତ କାଟ୍ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପୋଡୁ ଚାଷର ବିକଳ୍ପ ଚାଷ ବ୍ୟବସ୍ଥା ଏବଂ ଏଥି ନିମନ୍ତେ ଜନ ସଚେତନତା ସୃଷ୍ଟି, ହାତୀ ଆକ୍ରମଣରେ ମୃତ୍ୟୁବରଣ କରିବା କ୍ଷେତ୍ରରେ ଉତ୍ତରାଧିକାରୀ ପ୍ରମାଣପତ୍ର ପ୍ରଦାନ ନିମନ୍ତେ ତଦନ୍ତ ପ୍ରକ୍ରିୟାକୁ ସୁଗମ କରିବା, ସହାୟତା ରାଶି ପ୍ରଦାନ, ଘରଭଙ୍ଗା କ୍ଷତିପୂରଣ, ଜଙ୍ଗଲ ଅଧିକାର ନିୟମ ଅନୁଯାୟୀ ହିତାଧିକାରୀଙ୍କୁ ସ୍ୱତ୍ୱ ପ୍ରଦାନ, ଜନବସତି ଅଞ୍ଚଳରେ ହାତୀ ଚଳାଚଳ କରୁଥିବା ବେଳେ ଜନଗହଳି ଏଡ଼ାଇବା ଓ ଆଇନଶୃଙ୍ଖଳା ରକ୍ଷା ଇତ୍ୟାଦି ପ୍ରସଙ୍ଗରେ ବୈଠକରେ ଆଲୋଚନା ହୋଇଥିଲା।

ବୈଠକରେ ବନବିଭାଗୀୟ ଅଧିକାରୀ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଜାତୀୟ ରାଜପଥ, ରେଲୱେ, ବିଦ୍ୟୁତ୍ ବିଭାଗ (ଟିପିଏନ୍ଓଡିଏଲ୍), ଖଣି, ଅଗ୍ନିଶମ, ପ୍ରଦୂଷଣନିୟନ୍ତ୍ରଣ, ଆଇଟିଡିଏ, ପଶୁସମ୍ପଦ ବିକାଶ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ବିଭିନ୍ନ ଅନୁଷ୍ଠାନ, ସଂଗଠନ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ବୈଠକରେ ଉପସ୍ଥିତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ।

## ରାସ୍ତାରେ ବୁଲିଲା ହାତୀ

### ଯାନବାହନ ଚଳାଚଳରେ ବାଧା

ବୈଶିଙ୍ଗା,୨୨।୯(ଡି.ଏନ୍.ଏ)

ମୟୂରଭଞ୍ଜ ଜିଲାର ବୈଶିଙ୍ଗା ବନପାଳ ଅଞ୍ଚଳ ବୈଶିଙ୍ଗା-ରୁପସା ରାଜ୍ୟ ରାଜପଥର ବାଛୁରିପଡ଼ା ନିକଟରେ ଗଜରାଜ ବୁଲୁଛନ୍ତି। ଦ୍ୱିପ୍ରହରରେ ରାସ୍ତା ଉପରେ ବହୁ ସମୟ ଧରି ଛିଡ଼ା ହୋଇ ରହିବା ଯୋଗୁଁ କିଛି ସମୟ ପାଇଁ ଗାଡ଼ି ଚଳାଚଳରେ ବାଧା ଉପୁଜିଥିଲା। ବୈଶିଙ୍ଗା ବନପାଳ ଦୁଲାଲ ଚନ୍ଦ୍ର ଦିଗର ଘଟଣା ସ୍ଥଳରେ ପହଞ୍ଚି ହାତୀକୁ ଘଉଡ଼ାଇବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ସନ୍ଧ୍ୟା ପରେ ହାତୀଟି ବାଛୁରିପଡ଼ା-ପୁରୁଣିଆ ଜଙ୍ଗଲକୁ ପ୍ରବେଶ କରିଥିବାର ସୂଚନା ମିଳିଛି। ବୈଶିଙ୍ଗା ଥାନା ଅଞ୍ଚଳରେ ହାତୀଟି ବ୍ୟାପକ କ୍ଷତି ଘଟାଉଥିବାରୁ ତୁରନ୍ତ ଅନ୍ୟତ୍ର ଘଉଡ଼ାଇବାକୁ ସାଧାରଣରେ ଦାବି ହୋଇଛି।

ସୂଚନା ଯୋଗ୍ୟ ଯେ, ଗତ ସପ୍ତାହରେ ଆମ୍ବଗଡ଼ିଆ ହାଟରେ ହାତୀ ପଶି ଉତ୍ପାତ କରିଥିଲେ। ଘଉଡ଼ାଇବା ସମୟରେ ଜଣେ ବାଇକ ଆରୋହୀଙ୍କୁ ହାତୀ କଚାଡ଼ି ଦେବାରୁ ତାଙ୍କର ମୃତ୍ୟୁ ଘଟିଥିଲା।

# 'ବନମାଳୀ ଥିଲେ ସାରସ୍ୱତ ପ୍ରତିଭା'



ଅତିଥିମାନେ ସ୍ମରଣିକା 'ବାଣୀ ବିମୁଗ୍ଧ ବନମାଳୀ' ଉନ୍ମୋଚନ କରୁଛନ୍ତି।

ବାସୁଦେବପୁର, ୨୨।୯(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ଅଞ୍ଚଳର ସାହିତ୍ୟିକ, ସଙ୍ଗଠକ, ବରିଷ୍ଠ ଖବରଦାତା, ସାମାଜିକ କର୍ମୀ ସ୍ୱର୍ଗତ ବନମାଳୀ ବାରିକଙ୍କ ଏକାଦଶାହ ଦିବସରେ ବୁଧବାର ସନ୍ଧ୍ୟାରେ ଗୁଆଗଡ଼ିଆ ପଞ୍ଚାୟତର ଚିରୋଳ ଗ୍ରାମରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏମ୍ପି ମଞ୍ଜୁଲତା ମଣ୍ଡଳ ଯୋଗଦେଇ ବନମାଳୀ ଜଣେ ସାରସ୍ୱତ ପ୍ରତିଭା ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ବାସୁଦେବପୁରରେ ସାହିତ୍ୟ, ସଂସ୍କୃତି, କଳା, ଲୋକକଳାର ବିକାଶ କ୍ଷେତ୍ରରେ ସ୍ୱର୍ଗତ ବାରିକଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ତ୍ୟାଗଭୂମି ସମ୍ମେଳନର ସଭାପତି ଅଜୟ ନାୟକ, ଗୀତିକାର ପୀତାମ୍ବର ମିଶ୍ର, ଦୁଃଶାସନ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ସଭାପତିତ୍ୱ କରିଥିଲେ ଅନୁବାଦକ ଅଭିମନ୍ୟୁ ବେହେରା। କବି ରତ୍ନାକର ପଣ୍ଡା ଓ ରଙ୍ଗରାଗର ସମ୍ପାଦକ ପ୍ରଦୀପ୍ତ କୁମାର ମହାନ୍ତି ସଭାରେ ସଂଯୋଜନା କରିଥିଲେ।

ଏହି ଅବସରରେରେ ଅବସର ପ୍ରକାଶନ ଆନୁକୂଲ୍ୟରେ ସ୍ୱର୍ଗତ ବାରିକଙ୍କ ଉଦ୍ଦେଶ୍ୟରେ ଲିଖିତ ପୁସ୍ତକ 'ବାଣୀ ବିମୁଗ୍ଧ ବନମାଳୀ' ଉନ୍ମୋଚନ କରାଯାଇଥିଲା। ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଭରତ ଚନ୍ଦ୍ର ଦାଶ, ପୂର୍ବତନ ସଦସ୍ୟ ଇଂ. ଅଭୟ ସୂତାର, କବି ନିହାରଞ୍ଜନ କର, ବରିଷ୍ଠ ନେତା ମାଧବାନନ୍ଦ ମଲିକ, ଦୀନବନ୍ଧୁ ପତି, କବି ବିକାଶ ଚନ୍ଦ୍ର ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। ଅପରାହ୍ନରେ ପ୍ରସନ୍ନ ବାସୁଦେବପୁର ପାଲା ମଣ୍ଡଳ ପକ୍ଷରୁ ସଭାପତି ସନାତନ ପୁରୀଙ୍କ ପୌରୋହିତ୍ୟରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଶୈଳେନ୍ଦ୍ର ନାରାୟଣ ପାଢ଼ୀ ବେଦପାଠ କରିଥିଲେ। ସମ୍ପାଦକ କପିଳନାଥ ଶର୍ମା, ଉପଦେଷ୍ଟା ଅମୂଲ୍ୟରତ୍ନ ସାହୁ, ବରିଷ୍ଠ ପାଲାଗାୟକ ନୀଳକଣ୍ଠ ପାତ୍ରଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ପାଲା କଳାକାର ସ୍ୱର୍ଗତ ବାରିକଙ୍କ ସ୍ମୃତିଚାରଣ କରିଥିଲେ।

## ରାସ୍ତାକଡ଼ରୁ ବୃଦ୍ଧଙ୍କ ମୃତଦେହ ଜବତ

ଠାକୁରମୁଣ୍ଡା, ୨୨।୯(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା-କରଞ୍ଜିଆ ରାସ୍ତାର ଚମକପୁର ବାଙ୍କ ନିକଟରେ ଗୁରବାର ସକାଳେ ରାସ୍ତାକଡ଼ରେ ପଡ଼ିଥିବା ଜଣେ ବୃଦ୍ଧଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ସାଲେଇବେଡ଼ା ଗ୍ରାମ ଖଡ଼ିଆ ଜନଜାତି ବସ୍ତିର ଭୁବନ ଦେହୁରୀ। ସୂଚନା ଅନୁଯାୟୀ, ସେ ବୁଧବାର ଗ୍ରାମ ଲୋକଙ୍କ ସହ ଅଟୋରେ ଠାକୁରମୁଣ୍ଡା ସାପ୍ତାହିକ ହାଟକୁ ଆସି ଆଉ ଘରକୁ ଫେରି ନ ଥିଲେ। ଗୁରୁବାର ଖବର ପାଇ ପରିବାର ଲୋକେ ଆସି ମୃତଦେହ ଚିହ୍ନଟ କରିଥିଲେ। ମୃତଦେହ ପାଖରେ ପରିବା ବ୍ୟାଗ୍ ପଡ଼ିଥିଲା। ମୃତ୍ୟୁର କାରଣ ଜଣାପଡ଼ି ନ ଥିବାବେଳେ କୌଣସି ଗାଡ଼ି ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ପ୍ରଥମେ ଠାକୁରମୁଣ୍ଡା ଥାନା ପୋଲିସ ପହଞ୍ଚି ତଦନ୍ତ କରିଥିଲା। ପରେ କରଞ୍ଜିଆ ଏସ୍‌ଡିପିଓ ସୁଦର୍ଶନ ଗାଙ୍ଗଇ ଏବଂ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ କରଞ୍ଜିଆ ପଠାଇଛି।

## କମ୍ୟୁନିଷ୍ଟ ପାର୍ଟିର ବିକ୍ଷୋଭ

ଧାମନଗର, ୨୨।୯ (ଡି.ଏନ.ଏ.)

ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ)ର ଭଦ୍ରକ ଜିଲା ଧାମନଗର ଓ ଧୁଷୁରୀ ଆଞ୍ଚଳିକ କମିଟି ପକ୍ଷରୁ ଗୁରୁବାର ୧୦ ଦଫା ଦାବିରେ ବ୍ଲକ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଧାମନଗର ବିଡିଓଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ସତ୍ୟମୂର୍ତ୍ତି ବେହେରାଙ୍କ ସଭାପତିତ୍ୱରେ ସାଧାରଣ ସଭା ହୋଇଥିଲା। ରମେଶ ସାହୁ, ବିକାଶ ନାଥ, ଗୟାଧର ସାହୁ, ଜଇନୁଲ ଅବେଦିନ, ନିରଞ୍ଜନ ପାଣି, ଷ୍ଟାଲିନି ଲେଙ୍କା, ଜିଲା ସମ୍ପାଦକ ଦିବ୍ୟସିଂହ ନାୟକ, ଚନ୍ଦ୍ରଶେଖର ନାୟକ ପ୍ରମୁଖ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତି ବିରୋଧରେ ଆନ୍ଦୋଳନ ପାଇଁ ଆହ୍ୱାନ ଦେଇଥିଲେ। ଦରଦାମ୍ ବୃଦ୍ଧି, ଜିଏସ୍‌ଟିକୁ ବିରୋଧ ଓ ଚାଷୀ ଫସଲର ସହାୟକ ମୂଲ୍ୟ ପାଇଁ ଆଇନ ଦାବିରେ ଆସନ୍ତା ୨୮ ତାରିଖରେ ରାଜ୍ୟସ୍ତରୀୟ ସମାବେଶକୁ ସଫଳ କରିବାକୁ ସେମାନେ ନିବେଦନ କରିଥିଲେ।




ଧାମନଗର ବ୍ଲକ ଅଫିସ୍ ସମ୍ମୁଖରେ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଜିଲାସ୍ତରୀୟ ଶିଶୁ ସୁରକ୍ଷା ସମୀକ୍ଷା ବୈଠକ

ଭଦ୍ରକ ଅଫିସ, ୨୨।୯

ବାଲ୍ୟବିବାହ, ଶିଶୁ ଶ୍ରମିକ, ଶିଶୁ ଭିକ୍ଷୁକ ଭଳି ସାମାଜିକ ସମସ୍ୟା ପ୍ରତିକାର ନେଇ ସମ୍ପୃକ୍ତ ବିଭାଗ ଦ୍ୱାରା ନିଆଯାଉଥିବା ପଦକ୍ଷେପ ଓ ୨୦୩୦ ସୁଦ୍ଧା ବାଲ୍ୟବିବାହମୁକ୍ତ ଭଦ୍ରକ ପାଇଁ ନିଆଯିବାକୁ ଥିବା ନୂତନ କାର୍ଯ୍ୟଧାରା ଆଦି ସମ୍ପର୍କିତ ଏକ ସମୀକ୍ଷା ବୈଠକ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲା ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ଜେନା, ଅତିରିକ୍ତ ଜିଲାପାଳ ରାମଦାସ ଟୁଡୁ, ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ସୁଦର୍ଶନ ବାରିକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ସମାଜ ମଙ୍ଗଳ ଅଧିକାରୀ ଜୟନ୍ତୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସଚେତନତା, ଧରପଗଡ଼ ବା ଆଇନଗତ କାର୍ଯ୍ୟାନୁଷ୍ଠାନ ଏବଂ ଗୁଇନ୍ଦା ଭିତ୍ତିରେ ତଥ୍ୟ ସଂଗ୍ରହ ଆଧାରରେ କାର୍ଯ୍ୟଧାରା ଜାରି ରଖିବାକୁ ବୁଝାଇଥିଲେ। ଗ୍ରାମ ସ୍ତରରେ ଗାଁ କଲ୍ୟାଣ ସମିତିକୁ ଶିଶୁ ସୁରକ୍ଷା କମିଟି ଭାବେ ମନୋନୀତ କରାଯାଇଥିବାରୁ ଏହାର କାର୍ଯ୍ୟ ପରିସରକୁ ବୃଦ୍ଧି କରାଯିବା ନିମନ୍ତେ ନିରନ୍ତର ପ୍ରୟାସ ଆବଶ୍ୟକ ବୋଲି ପ୍ରସ୍ତାବ ଦିଆଯାଇଥିଲା। ଚାଇଲ୍ଡ ଲାଇନର ସମ୍ପାଦିକା ସୋଫିଆ ସେଖ୍ ସଚେତନତା ଉଦ୍ଦେଶ୍ୟରେ କାଜିମାନଙ୍କୁ ନେଇ ଏକ ବୈଠକ ପାଇଁ ପ୍ରସ୍ତାବ ରଖିଥିଲେ। ବାଲ୍ୟ ବିବାହ ନିଷେଧ ଯୋଜନାର ଜିଲା ସଂଯୋଜକ ଅସୀମ ଅମିତାଭ ଦାସ ତଥ୍ୟ ଉପସ୍ଥାପନ କରିଥିଲେ। ଜିଲା ମଙ୍ଗଳ ଅଧିକାରୀ ଜୟନ୍ତ ଜେନା, ଶ୍ରମ ଅଧିକାରୀ ସଚ୍ଚିଦାନନ୍ଦ ଜେନା, ଜିଲା ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

### ସୂଚନା ଅଧିକାର ତଥ୍ୟ ନ ଦେବା ଘଟଣା

## ପୂର୍ବତନ ଅଧିକାରୀଙ୍କୁ ୩୦ ହଜାର ଜରିମାନା

ଆନନ୍ଦପୁର,୨୨।୯(ସ୍ୱ.ପ୍ର.)

ସୂଚନା ଅଧିକାର ଆଇନ୍ ବଳରେ ତଥ୍ୟ ନ ଦେବା ଘଟଣାରେ ଆନନ୍ଦପୁର ପୌରପରିଷଦର ପୂର୍ବତନ ସୂଚନା ପ୍ରଦାନ ଅଧିକାରୀଙ୍କୁ ୩୦ ହଜାର ଟଙ୍କା ଜରିମାନା ହୋଇଛି। ରାଜ୍ୟ ସୂଚନା ଅଧିକାର କମିଶନର ଦିଲ୍ଲୀପ ବିଶୋଇ ଦ୍ୱିତୀୟ ଅପିଲ୍ (ନଂ. ୯୬୮/୨୦୨୦)ର ବିଚାର କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ମାସକ ମଧ୍ୟରେ ୫ ହଜାର ତଥ୍ୟ ମାଗିଥିବା ବ୍ୟକ୍ତିଙ୍କୁ ପ୍ରଦାନ କରିବାକୁ କୁହାଯାଇଛି। ୨୫ ହଜାର ଟଙ୍କା ଫିଜ୍ ଆଣ୍ଡ ଫାଇନ୍ସ ସୂଚନା ଅଧିକାର ଆଇନ୍ ୨୦୦୫ରେ ଜରିମାନା ଭରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଠିକ୍ ସମୟରେ ପଇଠ କରା ନ ଗଲେ ନିୟମିତ ଭାବେ ପ୍ରତି ମାସରେ କ୍ରମିକ ଭାବେ ଦରମା ଅର୍ଥରୁ କାଟି ଜରିମାନା ରାଶି ଭରିବାକୁ ନିର୍ଦ୍ଦେଶ ହୋଇଛି।

ସୂଚନାଯୋଗ୍ୟ, ଆନନ୍ଦପୁର ପୌରପରିଷଦ ୩ନଂ. ୱାର୍ଡ଼ର ଦେବବ୍ରତ ଚକ୍ରବର୍ତ୍ତୀ ଆରଟିଆଇ ସୂଚନା ଅଧିକାର ବଳରେ ପ୍ରଧାନମନ୍ତ୍ରୀ ଆବାସ ଏବଂ ସ୍ୱଚ୍ଛଭାରତ ଯୋଜନାରେ ଶୌଚାଳୟ ପାଇଥିବା ହିତାଧିକାରୀଙ୍କ ତାଲିକ ସହିତ ଅନ୍ୟାନ୍ୟ ତଥ୍ୟ ଜାଣିବା ପାଇଁ ଆନନ୍ଦପୁର ପୌର କାର୍ଯ୍ୟାଳୟରେ ଆବେଦନ କରିଥିଲେ। ଠିକ୍ ସମୟରେ ତଥ୍ୟ ନ ପାଇବାରୁ ଆବେଦନକାରୀ ନିଜର ପ୍ରଥମ ଅପିଲ ଦାଖଲ କରିଥିଲେ। ପରେ ଆନନ୍ଦପୁର ପୌରପରିଷଦର ଦାୟିତ୍ୱରେ ଥିବା ସୂଚନା ପ୍ରଦାନ ଅଧିକାରୀଙ୍କ ଚିଠି (ନଂ ୭୮୮/୪.୩.୨୦୨୦) ଅନୁଯାୟୀ ପ୍ରଦାନ ହୋଇଥିବା ତଥ୍ୟ ଭୁଲ୍ ରହିଥିବା କମିଶନଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହାକୁ ବିଚାର କରି ରାଜ୍ୟ ସୂଚନା ଅଧିକାର କମିଶନଙ୍କ ତରଫରୁ ତତ୍କାଳିନ କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ ନାୟକଙ୍କଠାରୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଥିଲା। ନାୟକ କୌଣସି କାରଣ ଦର୍ଶାଇ ପାରି ନ ଥିଲେ। ଫଳରେ ସୂଚନା ପ୍ରଦାନକାରୀ ଅଧିକାରୀ ନାୟକଙ୍କୁ ୩୦ ହଜାର ଟଙ୍କା ଜରିମାନା ଭରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି।

## ଦୋଷୀଙ୍କୁ ଆଜୀବନ କାରାଦଣ୍ଡ

### କାହ୍ନୁ ବାଗେ ହତ୍ୟା ଘଟଣା

ରାଇରଙ୍ଗପୁର, ୨୨।୯ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଜାମଦା ଥାନା ଅଧୀନ ସୁନାମରା ଗ୍ରାମର କାହ୍ନୁ ବାଗେ ହତ୍ୟା ଘଟଣାର ଅନ୍ୟତମ ଅଭିଯୁକ୍ତ ଲବ ବାରୀ (୩୫)ଙ୍କୁ ଗୁରୁବାର ରାଇରଙ୍ଗପୁର ଅତିରିକ୍ତ ଜିଲା ଓ ଦୌରାଜଜ ଦୀପକ କୁମାର ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।

ସୂଚନାଯୋଗ୍ୟ, ୨୦୧୦ ଜାନୁୟାରୀ ୨୭ରେ କାହ୍ନୁ ବାଗେ ସ୍ଥାନୀୟ ସାପ୍ତାହିକ ହାଟରେ ସୁନାମରା ଗ୍ରାମର ମକର ପୂର୍ତ୍ତିଙ୍କ ସ୍ତ୍ରୀଙ୍କ ମଥାରେ ସିନ୍ଦୂର ଘଷି ଦେଇଥିଲେ। ଏଥିରେ ଉତ୍ୟକ୍ତ ହୋଇ ମକର ଏବଂ ତାଙ୍କ ସହଯୋଗୀ ଲବ ହାଟରୁ କାହ୍ନୁଙ୍କୁ ଟାଣି ଆଣି ମାଡ଼ ମାରି ହତ୍ୟା କରିଥିଲେ। କାହ୍ନୁଙ୍କ ପରିବାର ଏନେଇ ଥାନାରେ ଅଭିଯୋଗ କରିବାରୁ ପୋଲିସ ଏକ ମାମଲା(ନଂ.୧୧/୧୦) ରୁଜୁ କରି ଅଭିଯୁକ୍ତ ମକରଙ୍କୁ ଗିରଫ କରିଥିଲା ବେଳେ ଲବ ଫେରାର ହୋଇ ଯାଇଥିଲେ। ପରେ ପୋଲିସ ତାଙ୍କୁ ଗିରଫ କରିଥିଲା। ପୂର୍ବରୁ ମକରଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା ବେଳେ ଗୁରୁବାର ଲବଙ୍କୁ ଦଣ୍ଡିତ କରାଯାଇଛି। ସରକାରୀ ଓକିଲ ପଙ୍କଜ ଦାସ ମାମଲା ପରିଚାଳନା କରୁଥିଲେ।

## ଦୁର୍ଘଟଣା ପରେ ଗଛ କାଟି ରାସ୍ତା ସଫା କଲେ ଯୁବଗୋଷ୍ଠୀ

ବସ୍ତା,୨୨।୯(ଡି.ଏନ.ଏ.)

ବସ୍ତା ଗାନ୍ଧି ଛକ ରାସ୍ତାର ଶବ ବ୍ୟବଚ୍ଛେଦ ଗୃହ ନିକଟରେ ରବିବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ବାଲିଆପାଳ ବ୍ଲକ ଅଧୀନ ଡଗରା ଗ୍ରାମର ଉପେନ୍ଦ୍ର ଜେନାଙ୍କ ମୃତ୍ୟୁ ହୋଇଥିଲା ବେଳେ ତାଙ୍କ ଦୁଇ ପୁଅ ଓ ସ୍ତ୍ରୀ ଗୁରୁତର ହୋଇଥିଲେ। ଦୁର୍ଘଟଣା ସ୍ଥଳ ୩ ଛକିଆ ରାସ୍ତା। ଏହା ଗାନ୍ଧି ଛକ ଓ ବସ୍ତା ତଥା ୬୦ନଂ.ଜାତୀୟ ରାଜପଥକୁ ସଂଯୋଗ କରୁଛି। ଯାହାଫଳରେ ପ୍ରତ୍ୟେକ ଦିନ ହଜାର ହଜାର ଲୋକ ଏହି ରାସ୍ତା ଦେଇ ଯିବା ଆସିବା କରନ୍ତି। ପୁଣି ରାସ୍ତାର ଉଭୟ ପାର୍ଶ୍ୱର ବୁଦା ଗଛ ଲଟା ହୋଇ ଯାତ୍ରୀମାନେ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଏହି ଘଟଣାକୁ ଲକ୍ଷ୍ୟ କରି ଗୁରୁବାର ବସ୍ତାର ଅଗ୍ରଣୀ ଯୁବ ସଂଗଠନ ୟଙ୍ଗ ଷ୍ଟାର୍ କ୍ଲବ୍‌ର ସଦସ୍ୟମାନେ ରାସ୍ତାର ଉଭୟ ପାର୍ଶ୍ୱର ବୁଦା ଗଛଲଟା କାଟି ସଫା କରିଛନ୍ତି। ଏହି ଲୋକାଭିମୁଖୀ କାର୍ଯ୍ୟ ପାଇଁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି। କ୍ଲବର ଉପଦେଷ୍ଟା ସୁଧାଂଶୁ ଶେଖର ଯେନା, ସଭାପତି କିଶୋର ମହାପାତ୍ର, ସଦସ୍ୟ ଅବିନାଶ ନାୟକ, ବେଣୁଧର ବେହେରା, ପ୍ରଶାନ୍ତ ବେହେରା, ରାମହରି ବେହେରା, ଭୋଳାନାଥ ବେହେରା, ମିଜ ବୈଠା, ଶାନ୍ତୁ ଦେ, କମଳା କାନ୍ତ ବେହେରା, ପିଣ୍ଟୁ ବୈଠା, ଉମାକାନ୍ତ ବେହେରା, ଆଶିଷ ରାଉଳ, ରାଜକିଶୋର ଜେନା ପ୍ରମୁଖ ଉପସ୍ଥିତ ରହି ସଫେଇ କାର୍ଯ୍ୟ କରିଥିଲେ।



ସଫେଇ କାର୍ଯ୍ୟରେ ସାମିଲ ଯୁବ ସଂଘର ସଦସ୍ୟ।

